ଅବସର ଖବରକୁ ନେଇ ଆସିଲା ରୋହିତ ଶର୍ମାଙ୍କ ପ୍ରଥମ ପ୍ରତିକ୍ରିୟା





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଧର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୭୧ ● ୨୧ ଜୁଲାଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-171 ● 21st July 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ସଂସଦର ମୌସୁମୀ ଅଧିବେଶନ ଆରମ୍ଭ

# ନିଟ୍ ପ୍ରଶ୍ନପତ୍ର ଲିକ୍, ରାମମନ୍ଦିର ଦାନ ଚୋରି ଓ ସିଜେପି ଆନ୍ଦୋଳନ ନେଇ ହଟ୍ଟଗୋଳ

**ନୂଆଦିଲ୍ଲୀ, ୨୦।୭**

ସୋମବାର ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନରେ ବିରୋଧୀ ସାଂସଦଙ୍କ ହଟ୍ଟଗୋଳ ଯୋଗୁଁ ସ୍ୱାଭାବିକ ଗୃହ କାର୍ଯ୍ୟ ଚାଲିପାରି ନଥିଲା। ହଟ୍ଟଗୋଳ ଲାଗିରହିବାରୁ ଲୋକସଭା ଓ ରାଜ୍ୟସଭାକୁ ଛଅ ଥର ପାଇଁ ମୁଲତବୀ ରଖିବାକୁ ପଡିଥିଲା। ବିରୋଧୀ ସାଂସଦମାନେ ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ରାମ ମନ୍ଦିର ଦାନ ଚୋରି ଉପରେ ଆଲୋଚନା କରିବାକୁ ଦାବି କରୁଥିଲେ। ବିରୋଧୀ ଦଳର କିଛି ସାଂସଦ ପୋଷ୍ଟର ଓ ବ୍ୟାନର ଧରି ଗୃହ ଭିତରକୁ ପ୍ରବେଶ କରିଥିଲେ। କଂଗ୍ରେସ ସାଂସଦ ମଲ୍ଲିକାର୍ଜୁନ ଖଡ଼ଗେ ରାଜ୍ୟସଭାରେ ଯନ୍ତର ମନ୍ତରରେ କକ୍ରୋଚ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ପ୍ରସଙ୍ଗ ଉଠାଇ ଏହା ଉପରେ ଆଲୋଚନା ଦାବି କରିଥିଲେ।



ଅନ୍ୟପକ୍ଷରେ ଲୋକସଭାରେ ହଟ୍ଟଗୋଳ ମଧ୍ୟରେ ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଏକ ବିଲ୍ ଆଗତ କରିଥିଲେ। ଏହି ବିଲ୍‌ର ସୁପ୍ରିମକୋର୍ଟରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୩୪ ରୁ ୩୮କୁ ବୃଦ୍ଧି କରାଯିବାକୁ ବ୍ୟବସ୍ଥା ରହିଛି। ଏହି ବିଲ୍ ମେ' ମାସରେ ଜାରି ହୋଇଥିବା ଏକ ଅଧ୍ୟାଦେଶକୁ ବଦଳାଇବ। ଅଧ୍ୟାଦେଶ କାର୍ଯ୍ୟକାରୀ ହେବା ପରଠାରୁ ବର୍ଦ୍ଧିତ ଅନୁମୋଦିତ କ୍ଷମତା ଆଧାରରେ ପାଞ୍ଚ ଜଣ ନୂତନ ବିଚାରପତିଙ୍କୁ ସୁପ୍ରିମକୋର୍ଟରେ ନିଯୁକ୍ତ କରାଯାଇଛି। ଏହି ସଂଶୋଧନ ପାଇଁ ସାମ୍ବିଧାନିକ ସଂଶୋଧନ ଆବଶ୍ୟକ ନାହିଁ। ଏହାକୁ ପାରିତ କରିବା ପାଇଁ ସଂସଦରେ ସରଳ ବହୁମତ ଆବଶ୍ୟକ।

ଅପରାହ୍ଣ ୩ଟାରେ ଲୋକସଭା ପୁନର୍ବାର ଆରମ୍ଭ ହେବା ମାତ୍ରେ ବିରୋଧୀ ସାଂସଦମାନେ ହଟ୍ଟଗୋଳ କରିଥିଲେ । ଯେଉଁଥି ପାଇଁ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଲୋକସଭା କାର୍ଯ୍ୟ ସକାଳ ୧୧ଟାରେ ଆରମ୍ଭ ହୋଇଥିଲା। ପ୍ରାୟ ୭-୮ ମିନିଟ୍ ପାଇଁ ଗୃହ ଚାଲିଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି କାର୍ଯ୍ୟକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପରେ ଗୃହକୁ ଆଉ ଚାରି ଥର ମୁଲତବୀ କରାଯାଇଥିଲା। ହଟ୍ଟଗୋଳ ମଧ୍ୟରେ ଅପରାହ୍ଣ ୨ଟା ୫୮ରେ ରାଜ୍ୟସଭାକୁ ସାରା ଦିନ ପାଇଁ ମୁଲତବୀ ରଖାଯାଇଥିଲା। (ପୃଷ୍ଠା ୭ରେ)

## ଜିଲ୍ଲାପାଳମାନଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

# ଜିଲ୍ଲାସ୍ତରରେ ସିଙ୍ଗଲ ୱିଣ୍ଡୋ ଅଥରିଟି କମିଟିର ନିୟମିତ ବୈଠକ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୭**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶେଷ କରି ଜିଲ୍ଲାସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ଜିଲ୍ଲାପାଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗଦେଇ ଥିଲେ ।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ହେମନ୍ତ ଶର୍ମା ଯୋଗଦେଇ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ରୋକିବା ଦିଗରେ ଜିଲ୍ଲାସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ନାର୍କୋ ସମନ୍ୱୟ (ଏନ୍‌ସିଓଆରଡି) କମିଟିର ନିୟମିତ ତ୍ରୈମାସିକ ବୈଠକ ଆୟୋଜନ ଓ ଏହାର ଫଳପ୍ରଦ ସମୀକ୍ଷା ଉପରେ ଜିଲ୍ଲାପାଳ ଓ ଏସପିମାନେ ସୁନିଶ୍ଚିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି 'ନିଶା ମୁକ୍ତ ଭାରତ ଅଭିଯାନ' ଲକ୍ଷ୍ୟ ହାସଲ ନିମନ୍ତେ ୨୦୨୬-୨୦୨୯ ଅବଧି ପାଇଁ ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରି ନିଶାଦ୍ରବ୍ୟ ଚାହିଦା ହ୍ରାସ, ଚୋରାଚାଲାଣ ନିୟନ୍ତ୍ରଣ, ଆଇନର କଡ଼ା କାର୍ଯ୍ୟକାରିତା, ଜନସଚେତନତା, ଚିକିତ୍ସା ଓ ପୁନର୍ବାସ କାର୍ଯ୍ୟକ୍ରମକୁ ସମନ୍ୱିତ ଭାବେ କାର୍ଯ୍ୟକାରୀ କରିବା ସହ ପ୍ରତ୍ୟେକ ବୈଠକରେ ପୂର୍ବ ନିଷ୍ପତ୍ତିର ଅଗ୍ରଗତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।




ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ୨.୦ ଆଫର୍ଡେବଲ ହାଉସିଂ, ଆଫୋର୍ଡେବଲ ରେଣ୍ଟାଲ ହାଉସିଂ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୀକ୍ଷା କରି ଏନେଇ ଆବଶ୍ୟକ ଜମି ଚିହ୍ନଟ, ଜମି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ସମାଧାନ, ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି ଓ ଯୋଜନାଗୁଡ଼ିକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ଉଷା ପାଢୀ ଏ ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହିତ ସବିସ୍ତୃତ ଆଲୋଚନା କରିଥିଲେ । ଆହୁରି ମଧ୍ୟ ଅମୃତ ୨.୦ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଛି ।

ଶିଳ୍ପ ପ୍ରତିଷ୍ଠା ଓ ଶିଳ୍ପାଞ୍ଚଳର ଦ୍ରୁତ ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି, ସେଥିରୁ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅନୁମୋଦନ ସମ୍ପର୍କରେ ଇଡକୋ ପକ୍ଷରୁ ଆଲୋଚନା କରାଯାଇଥିଲା। ଜମି ଅଧିଗ୍ରହଣ ଓ ଲିଜ୍ ପ୍ରସ୍ତାବର ଶୀଘ୍ର ଅନୁମୋଦନ, ସ୍ଥାନୀୟ ସମସ୍ୟାର ସମାଧାନ, ଗ୍ରାମସଭା ଆୟୋଜନରେ ସହଯୋଗ ଏବଂ କ୍ଷତିପୂରକ ବନୀକରଣ ପାଇଁ ଆବଶ୍ୟକ ଜମି ଚିହ୍ନଟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜ୍ୟସ୍ତରୀୟ ବୈଠକ ଭଳି ଜିଲ୍ଲାସ୍ତରରେ ସିଙ୍ଗଲ ୱିଣ୍ଡୋ ଅଥରିଟି କମିଟି ବୈଠକ ନିୟମିତ ଭାବେ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ନିଷ୍ପତ୍ତି ନେବାକୁ ମୁଖ୍ୟ ଶାସନ ସଚିବ (ପୃଷ୍ଠା ୭ରେ)

## ୨୭ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୦।୭**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୨୭ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଜମ୍ମୁ-କାଶ୍ମୀରର ପୁଞ୍ଚରେ ଭୂସ୍ଖଳନ ଓ ବନ୍ୟାରେ ୭ ଜଣଙ୍କ ମୃତ୍ୟୁ।
- ତ୍ରିପୁରା ଡିଜିପି ଅନୁରାଗ ଧନଖଡଙ୍କ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ, ତଦନ୍ତ ଆରମ୍ଭ।
- ଉତ୍ତର ପ୍ରଦେଶର ମୁଜାଫରନଗରରେ ଏକ ଘର ଭୁଶୁଡ଼ି ପଡ଼ିବା ଫଳରେ ଜଣେ ବାପା ଏବଂ ଚାରି ପିଲାଙ୍କ ମୃତ୍ୟୁ।
- ମହାରାଷ୍ଟ୍ରର ୱାର୍ଦ୍ଧା ଜିଲ୍ଲାର ସମୃଦ୍ଧି ରାଜପଥରେ ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୪୬ (+୧୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୫୦ (+୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୫୯ (+୧୨)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୩୫ (+୫)

# ସ୍ୱଳ୍ପ ବର୍ଷା ପାଇଁ ଜରୁରୀକାଳୀନ ଯୋଜନା ଓ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା ପ୍ରସ୍ତୁତ

**ଭୁବନେଶ୍ୱର, ୨୦।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସ୍ୱଳ୍ପ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତିକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ବିଶାଳ କୁମାର ଦେବ, ଜଳସମ୍ପଦ ବିଭାଗ ଶାସନ ସଚିବ ଶୁଭା ଶର୍ମା ଏବଂ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ବାଲିମେଳା ଓ ମାଛକୁଣ୍ଡ ଭଳି ବଡ଼ ବଡ଼



ଜଳାଶୟର କ୍ୟାଚମେଣ୍ଟ ଅଞ୍ଚଳରେ କମ୍ ବର୍ଷା ହୋଇଥିବାରୁ ସରକାର ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଜନସାଧାରଣଙ୍କୁ ଆଦୌ ନଡରିବାକୁ ଆଶ୍ୱାସନା ଦେଇଛନ୍ତି।

ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜଳାଶୟଗୁଡ଼ିକରେ ଥିବା ପାଣିକୁ ପ୍ରଥମେ ପାନୀୟ ଜଳ ଏବଂ ଚାଷ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯିବ। ଏହା ପରେ ଯାଇ ବିଦ୍ୟୁତ ଉତ୍ପାଦନ ପାଇଁ ପାଣି ଦିଆଯିବ। ଗତବର୍ଷ ତୁଳନାରେ ଏଥର (ପୃଷ୍ଠା ୭ରେ)

## ସିଜେପି ନେତାମାନଙ୍କ ସହ ସାକ୍ଷାତ ପରେ

# ଧାରଣା ପ୍ରତିବାଦ ପ୍ରତ୍ୟାହାର କରିବାକୁ ନଡ୍ଡାଙ୍କ ଅନୁରୋଧ

**ନୂଆଦିଲ୍ଲୀ, ୨୦।୭**

ସୋମବାର ସୋସିଆଲ ମିଡିଆ ଅଭିଯାନ କକ୍ରୋଚ୍ ଜନତା ପାର୍ଟିର ଏକ ପ୍ରତିନିଧି ଦଳ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହିତ ସାକ୍ଷାତ କରିବା ପରେ କହିଛନ୍ତି ଯେ ସେମାନଙ୍କର ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନଙ୍କର ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରହିବ। ଏହି ସମୟରେ, ମନ୍ତ୍ରୀ ନଡ୍ଡା ପ୍ରତିବାଦକାରୀମାନଙ୍କୁ ଧାରଣା ପ୍ରତିବାଦ ସମାପ୍ତ କରିବାକୁ ଅନୁରୋଧ କରିଥିଲେ।



ନଡ୍ଡା, ସିଜେପି ପ୍ରତିନିଧିମଣ୍ଡଳୀ ସହିତ ତାଙ୍କର ସାକ୍ଷାତ ସେୟାର କରି କହିଛନ୍ତି ଯେ ସେ ସମସ୍ତ ପ୍ରତିବାଦକାରୀଙ୍କୁ ସେମାନଙ୍କର ଧାରଣା ସମାପ୍ତ କରିବାକୁ ଏବଂ ପ୍ରଶାସନକୁ ସ୍ୱାଭାବିକତା ଫେରାଇ ଆଣିବାକୁ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି।

ନଡ୍ଡା ଟ୍ୱିଟ୍ କରିଛନ୍ତି, 'ଆଜି ସକାଳେ ଆନ୍ଦୋଳନକାରୀମାନେ ପ୍ରଥମେ ସରକାରଙ୍କ ସହିତ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ, ଏବଂ ଆମେ ସକାଳ ୧୧:୫୦ ରୁ କଥାବାର୍ତ୍ତା କରୁଛୁ। ବୈଠକ ଏକ (ପୃଷ୍ଠା ୭ରେ)

# ରଥଯାତ୍ରାରେ ୨ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୨୦।୭**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ପୁରୀ ରଥଯାତ୍ରା ବେଳେ ଭିଡ ଭିତରେ ଅସୁସ୍ଥ ହୋଇ ପ୍ରାଣ ହରାଇଥିବା ଦୁଇ ଜଣ ଶ୍ରଦ୍ଧାଳୁଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଉଭୟଙ୍କ ନିକଟତମ ଆତ୍ମୀୟଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏହି ସୂଚନା ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଗତ ଜୁଲାଇ ୧୬ ତାରିଖରେ ପୁରୀଠାରେ ଅସୁସ୍ଥତା ହେତୁ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା କଟକର ଅନୀଲ ଦାସ ଓ ମୁମ୍ବାଇର ଅଶୋକ ସୁବାରେ ରାଇକରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି।

# ଇରାନ-ଆମେରିକା 'ମହାଯୁଦ୍ଧ' : ଉପସାଗରୀୟ ଦେଶ ଆତଙ୍କିତ

**ନୂଆଦିଲ୍ଲୀ, ୨୦।୭**

ଆମେରିକା ଲଗାତାର ନବମ ରାତିରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ଆକ୍ରମଣରେ ମୃତ ଆମେରିକୀୟ ସୈନିକଙ୍କ ସ୍ମୃତିରେ, ସେମାନଙ୍କୁ ସମ୍ମାନ ଜଣାଇ ଇରାନ ଉପରେ ଆକ୍ରମଣ କରାଯାଉଛି । ଅନ୍ୟପକ୍ଷରେ, ହର୍ମୁଜ୍ ପ୍ରଣାଳୀରେ ସଙ୍କଟ ଜାରି ରହିଛି। ସୂଚନା ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ ପରେ ଏକ ତେଲ ଟ୍ୟାଙ୍କରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଓମାନର କୁମଜାରରୁ ପ୍ରାୟ ୮ ନଟିକାଲ୍ ମାଇଲ୍ ଉତ୍ତରପଶ୍ଚିମରେ ତେଲ ଟ୍ୟାଙ୍କରଟି ଥିବା କୁହାଯାଉଛି।



ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ଦାବି କରିଛି ଯେ ଦକ୍ଷିଣ ହର୍ମୁଜ୍ ପ୍ରଣାଳୀରେ ସମୁଦ୍ର ମାଇନ୍ସ ବିସ୍ଫୋରଣରେ ଦୁଇଟି ତେଲ ଟ୍ୟାଙ୍କର୍ କ୍ଷତିଗ୍ରସ୍ତ ହୋଇଛି। ଟ୍ୟାଙ୍କର୍ ଦୁଇଟି ହର୍ମୁଜ୍ ଦେଇ ଯିବାକୁ ଚେଷ୍ଟା କରୁଥିଲେ। ଆମେରିକୀୟ ସେନା ଦ୍ୱାରା ସେମାନଙ୍କୁ ଏହି ରାସ୍ତା ବ୍ୟବହାର କରିବାକୁ ପ୍ରରୋଚିତ କରାଯାଇଥିଲା। ଆଇଆରଜିସି କହିଛି, ଯେପର୍ଯ୍ୟନ୍ତ ଏହି ଅଞ୍ଚଳରେ ଆମେରିକାର ଆକ୍ରମଣ ଜାରି ରହିବ, ସେପର୍ଯ୍ୟନ୍ତ ଏହି ଜଳପଥ ଅସୁରକ୍ଷିତ (ପୃଷ୍ଠା ୭ରେ)

## ସଡ଼କ ଦୁର୍ଘଟଣା : ୨ ମୃତ

**କଟକ, ୨୦।୭ : ନ୍ୟୁଜ୍ ବ୍ୟୁରୋ**

ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେଲା ଚିଙ୍ଗୁଡ଼ି ବୋଝେଇ ଟ୍ରକ୍। ୨ ମୃତ ୨ ଗୁରୁତର। କଟକ ଚାନ୍ଦବାଲି ରାସ୍ତାର କୁସୁନପୁର ଠାରେ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ୨ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିଚୟ ମିଳିପାରିନି। ସୂଚନା ଅନୁଯାୟୀ, କଟକ ଚାନ୍ଦବାଲି ରାସ୍ତାର କୁସୁନପୁର ଛକ ଠାରେ ଚକ ଫାଟି ଯିବା ଯୋଗୁଁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ରାସ୍ତା କଡରେ ଅଟକି ରହିଥିଲା। ଭୋର୍ ପ୍ରାୟ ୫ଟା ବେଳେ କଟକ ଆଡୁ ଆସୁଥିବା ଏକ ଚିଙ୍ଗୁଡ଼ି ବୋଝେଇ କଣ୍ଟେନର ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଗାଦି ଛାଡିବାକୁ ମନ ନାହିଁ
ନୂଆ ଜାଗା କାହୁଁ ଯିବେ
କୋଳିଖାଇ ମଞ୍ଜି ପୋତିଛନ୍ତି ଭାବି
ମଜା ସବୁ ଲୁଟୁଥିବେ
ଏବେ ହଇରାଣ ହେବେ ?
ଯୋଗ ନ ଦେଲେ ବଦଳି ସ୍ଥାନକୁ
ଦୁଃଖ ଅଛି ଭାଗ୍ୟେ ତବେ।

# ଜାପାନୀ ଟିକା 'କ୍ୟୁଡେଙ୍ଗା'କୁ ଭାରତ ସରକାରଙ୍କ ମଞ୍ଜୁରୀ




**ନୂଆଦିଲ୍ଲୀ, ୨୦।୭**

ପ୍ରତିବର୍ଷ ଡେଙ୍ଗୁ ଦେଶରେ ବ୍ୟାପକ କ୍ଷୟକ୍ଷତି ଘଟିଥାଏ। ବର୍ଷା ପରେ, ଡେଙ୍ଗୁ ଦେଶର ଅନେକ ଅଞ୍ଚଳରେ ବ୍ୟାପିଥାଏ ଏବଂ ପ୍ରତିବର୍ଷ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥାଏ। କିନ୍ତୁ ଏବେ ଏହାକୁ ଏବେ ରୋକାଯାଇ ପାରିବ। ଡେଙ୍ଗୁକୁ ଦୂର କରିବା ପାଇଁ ସରକାର ଏକ ଟିକାକୁ ମଞ୍ଜୁରୀ ଦେଇଛନ୍ତି। ଔଷଧ ନିୟାମକ ସଂସ୍ଥା, କେନ୍ଦ୍ରୀୟ ଔଷଧ ମାନକ ଏବଂ ଔଷଧ ପ୍ରଶାସନ (ସିଡିଏସସିଓ), ଜାପାନୀ ଟିକା କ୍ୟୁଡେଙ୍ଗାକୁ ଅନୁମୋଦନ କରିଛି। କ୍ୟୁଡେଙ୍ଗା ଜାପାନୀ ଔଷଧ କମ୍ପାନି ଟାକେଡା ଫାର୍ମାସ୍ୟୁଟିକାଲ ଦ୍ୱାରା ବିକଶିତ ହୋଇଛି। ଏହି ଟିକା ଟେଟ୍ରାଭାଲେଣ୍ଟ ଲାଇଭ୍ ଆଟେନୁଏଟେଡ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବିକଶିତ ହୋଇଛି। ଏହା ଡେଙ୍ଗୁ ଭାଇରସର ସମସ୍ତ ଚାରୋଟି ସେରୋଟାଇପ୍ ବିରୋଧରେ ସୁରକ୍ଷା ପ୍ରଦାନ କରିପାରିବ।

ଜାପାନୀ କମ୍ପାନି ଅନୁଯାୟୀ, ଏହି ଟିକା ସେମାନଙ୍କୁ ମଧ୍ୟ ଦିଆଯାଇପାରିବ ଯେଉଁମାନେ ପୂର୍ବରୁ ଡେଙ୍ଗୁରେ ପୀଡିତ ହୋଇସାରିଛନ୍ତି। ଅନ୍ୟପକ୍ଷରେ, ଯେଉଁମାନେ ଏପର୍ଯ୍ୟନ୍ତ ଡେଙ୍ଗୁରେ ପୀଡିତ ହୋଇନାହାନ୍ତି ସେମାନେ ମଧ୍ୟ ଏହା ନେଇପାରିବେ। ଏହି ଟିକା ଦେବା ପୂର୍ବରୁ ଡେଙ୍ଗୁ ପରୀକ୍ଷା କରିବାର କୌଣସି ଆବଶ୍ୟକତା ନାହିଁ। (ପୃଷ୍ଠା ୭ରେ)

# ଅଶୋଧିତ ତେଲ ୯୦ ଡଲାର ଉପରେ

**ନୂଆଦିଲ୍ଲୀ, ୨୦।୭**

ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବଢ଼ିବା ପରେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରଭାବିତ ହୋଇଥିବାରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୨ ପ୍ରତିଶତ ବୃଦ୍ଧି ପାଇ ପୁଣି ଥରେ ୯୦ ଡଲାରରୁ ଅଧିକ ହୋଇଛି। ଗତ ଜୁନ ୧୧ ତାରିଖ ପରେ ଏହା ହେଉଛି ତେଲର ସର୍ବାଧିକ ଦର। ଦୁଇ ଦେଶ ମଧ୍ୟରେ ଅନ୍ତରୀଣ ଶାନ୍ତି ଚୁକ୍ତି ହେବା ପରେ ତେଲ ଦରରେ ବଡ଼ ଧରଣର ହ୍ରାସ ହୋଇଥିଲା। ସୋମବାର ବ୍ରେଣ୍ଟ କ୍ରୁଡ୍ର ଦର ବ୍ୟାରେଲକୁ ୯୦.୧୯ ଡଲାର ଓ ୟୁଏସ୍ ଟେକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡ୍ ଦର ୮୪.୨୦ ଡଲାରକୁ ବୃଦ୍ଧି ପାଇଥିଲା।




ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଅଧିକ ଦିନ ଉତ୍ତେଜନା ରହିଲେ ତାହା ମଧ୍ୟପ୍ରାଚ୍ୟର ଅନ୍ୟ ଦେଶ ଆଡ଼କୁ ଗତି କରିବ। ସେଭଳି ପରିସ୍ଥିତିରେ ଜାହାଜ ଚଳାଚଳ ପ୍ରଭାବିତ ହୋଇ ତେଲ ଦର ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଚିନ୍ତାର ବିଷୟ ହେଉଛି ଯୁଦ୍ଧ କରୁଥିବା ଦୁଇ ଦେଶ ଲଗାତାର ଭାବେ ଜାହାଜ ଚଳାଚଳ ପଥକୁ (ପୃଷ୍ଠା ୭ରେ)




# ରାଇଘରରେ ବିଦେଶୀ ମଦ ଦର ବୃଦ୍ଧି

## ଗାଁ ଦୋକାନରେ ବେଆଇନ ବିକ୍ରି ଅଭିଯୋଗ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଛତିଶଗଡ଼ ସୀମାବର୍ତ୍ତୀ ରାଇଘର ଅଞ୍ଚଳରେ ବିଦେଶୀ ମଦ ବିକ୍ରିକୁ ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ନିର୍ଦ୍ଧାରିତ ଦର ବଦଳରେ ପ୍ରତ୍ୟେକ ବୋତଲ ଉପରେ ପ୍ରାୟ ୫୦ ଟଙ୍କା ଅଧିକ ଆଦାୟ କରାଯାଉଛି। ସୀମାବର୍ତ୍ତୀ ଅଞ୍ଚଳର ସୁଯୋଗ ନେଇ ଗ୍ରାହକଙ୍କୁ ଅଧିକ ଦରରେ ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏହା ସହ ରାଇଘର ଅଞ୍ଚଳର ବିଭିନ୍ନ ଗାଁର ଛୋଟ ଦୋକାନରେ ମଧ୍ୟ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି। ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଅବକାରୀ ଆଇନର ଉଲ୍ଲଂଘନ ବୋଲି




ବିବେଚନା କରାଯାଇପାରେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏପରି ଅଭିଯୋଗ ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଫଳରେ ବେଆଇନ ମଦ ବିକ୍ରି ଓ ଅଧିକ ଦର ଆଦାୟ ଅବାଧରେ ଚାଲିଥିବା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସରକାରୀ ଦରରେ ମଦ ବିକ୍ରି ସୁନିଶ୍ଚିତ କରିବା ସହ ବେଆଇନ ବିକ୍ରି ଅଭିଯୋଗର ସତ୍ୟତା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ସ୍ୱାଧୀନତା ଦିବସ ଉତ୍ସବକୁ ଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା

**ପଦମପୁର, ନ୍ୟୁଜ୍ ବ୍ୟୁରୋ**

ପଦମପୁର ଉପ-ଜିଲ୍ଲାପାଳଙ୍କ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ କୁଲୁଙ୍କ ଅଧ୍ୟକ୍ଷତାରେ ୮୦ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନତ ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଏହି ଜାତୀୟ ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଷ୍ପତ୍ତି ମୁତାବକ, ଆସନ୍ତା ଅଗଷ୍ଟ ୧୫ ତାରିଖ ପ୍ରାତଃ ୪ଟା ୩୦ ମିନିଟରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସହରରେ ରାମଧୁନ ପ୍ରସାରଣ କରାଯିବା ସହ ସ୍ଥାନୀୟ ରାଧାମାଧବ ଓ ସତ୍ୟସାଇ ସେବା ସମିତିର ସହଯୋଗରେ ପ୍ରଭାତ ଫେରୀ ବାହାରି ନଗର ପରିକ୍ରମା କରିବ। ସକାଳ ୬ଟାରୁ ୭ଟା ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ଓ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଏବଂ ସକାଳ ୭ଟାରୁ ୮ଟା ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟାରେ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବେ ଏବଂ ସମ୍ମିଳିତ ପ୍ୟାରେଡରୁ ଅଭିବାଦନ ଗ୍ରହଣ କରି ଜନସାଧାରଣଙ୍କୁ ଉଦବୋଧନ ଦେବେ। ଚଳିତ ବର୍ଷ ମାର୍ଚ୍ଚପାଷ୍ଟ ପ୍ରତିଯୋଗିତାରେ ଏନସିସି, ସ୍କାଉଟ, ଗାଇଡ୍, ରେଡକ୍ରସ ଏବଂ ସିଭିଲିୟାନ ଦଳ ଅଂଶଗ୍ରହଣ କରିବେ ଏବଂ କୃତି ଦଳଗୁଡ଼ିକୁ ରନିଂ ସିଲ୍ଡ ସହ ସ୍ଥାୟୀ କପ୍ ପ୍ରଦାନ କରାଯିବ। ଏହା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ କଣ୍ଠ ସଂଗୀତ ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୩ ତାରିଖରୁ ୫ ତାରିଖ ମଧ୍ୟରେ ଆୟୋଜନ କରାଯିବ। ବିଭିନ୍ନ ବୋର୍ଡ ପରୀକ୍ଷା ରେ ଉପଖଣ୍ଡ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ରଛାତ୍ରୀ ଏବଂ ନିଃସ୍ୱାର୍ଥପର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ତଥା କଳାକାର ମାନଙ୍କୁ ସ୍ମାରକୀ ଟ୍ରଫି ଦ୍ୱାରା ସମ୍ମାନୀତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଅନ୍ୟପକ୍ଷରେ, ଉତ୍ସବ ଦିନ ଅପରାହ୍ନ ୩ଟାରେ ହାଇସ୍କୁଲ ଖେଳପଡିଆଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅନାଥାଶ୍ରମ, କୁଷ୍ଠାଶ୍ରମ ଓ ଜେଲର ଅନ୍ତେବାସୀମାନଙ୍କୁ ବିସ୍କୁଟ ଏବଂ ଉପଖଣ୍ଡ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯିବ। କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା କମିଟୀ ଗଠନ କରାଯାଇଛି। ପରିଶେଷରେ ଡେପୁଟି କଲେକ୍ଟର ଭବାନୀ ଶଙ୍କର ମହନ୍ତ ସମସ୍ତ ସଦସ୍ୟଙ୍କ ଆକୁଣ୍ଠ ସାହାଯ୍ୟ ଓ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରିଥିଲେ।

# କେମିଷ୍ଟ ଓ ଡ୍ରଗିଷ୍ଟସଂଘ ପକ୍ଷରୁ ଔଷଧ ଓ ପାନୀୟଜଳ ବଣ୍ଟନ



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ଓଡିଶା ବିଶ୍ୱପ୍ରସିଦ୍ଧ କେନ୍ଦ୍ରାପଡା ରଥଯାତ୍ରାକୁ ଆଖି ଆଗରେ ରଖି ରଥଦାଣ୍ଡକୁ ଆସୁଥିବା ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ କେନ୍ଦ୍ରାପଡା କେମିଷ୍ଟ ଓ ଡ୍ରଗିଷ୍ଟସଂଘ ପକ୍ଷରୁ ଔେଷଧ ଓ ପାନୀୟଜଳ ବଣ୍ଟନ କରାଯାଇଛି। କେନ୍ଦ୍ରାପଡା ଇଚ୍ଛାପୁରସ୍ଥିତ ସିଦ୍ଧ ବଳଦେବଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ସର୍ବବୃହତମ ଉଚ୍ଚତାବିଶିଷ୍ଟ ବ୍ରହ୍ମ ତାଳଧ୍ୱଜ ରଥଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରବଳ ଭିଡରେ ସଂଘ ପକ୍ଷରୁ ଥଣ୍ଡା ପାନୀୟଜଳ, ଔେଷଧ, ଓ.ଆର୍.ଏସ୍ ଗ୍ଲୁକୋଜ୍ ପକେଟ୍ ପ୍ରଭୃତି ବଣ୍ଟନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରେସିଡେଣ୍ଟ□ ପ୍ରଫୁଲ୍ଲକୁମାର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ଗୋପୀନାଥ ବାରିକଙ୍କ ସମେତ ତାପସ କୁମାର ପାଢି, ସଦସ୍ୟ ହୃଷିକେଶ ଦାସ, ସିବ୍‌ମେକାପ୍, ଦିଲ୍ଲୀପ ଦାସ, ନାରାୟଣକିଶୋର ପଣ୍ଡା, ଶୈଳେନ୍ଦ୍ର ପରିଡା, ରାଜେନ୍ଦ୍ରସ୍ୱାଇଁ, ଦୁଷ୍ମନ୍ତ ଜେନା, ଗଣେଶ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିର ସମ୍ପର୍କ ଅଭିଯାନ ମହୋତ୍ସବ: ସମ୍ବର୍ଦ୍ଧିତ ହେଲେ ବହୁ ବିଶିଷ୍ଟ ବ୍ୟକ୍ତି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସଠାରେ ଏକ ସମ୍ପର୍କ ଅଭିଜାନ ଓ ସମ୍ବର୍ଦ୍ଧନା ଉତ୍ସ୍ୱ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଓ ରାଜ୍ୟ ସରକାରଙ୍କ ୨ବର୍ଷ ଉପଲବ୍ଧି ଅବସରରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ ଯୋଗଦେଇ ମୋଦିଜୀ ଙ୍କ ନୋବେଲ ଭିଜନ ପୁରା କରିବାକୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି, ବାନ୍ଧ କଳା ଓ ସମାଜସେବା, ବରିଷ୍ଠ ନାଗରିକ, ଆଇନସେବା, ସାମ୍ବାଦିକତା, ଆଧାତ୍ମିକତା ପରି ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଅର୍ଜନ କରିଥିବା ଜିଲ୍ଲା ର ୫୮ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି, ରାଜ୍ୟ ସରକାରଙ୍କ ୨ ବର୍ଷ ଉପଲବ୍ଧିକୁ ଓ ଜିଲ୍ଲାର ବିକାଶ କାର୍ଯ୍ୟ ନେଇ ଉପସ୍ଥିତ ବୁଦ୍ଧିଜୀବୀ ସାମ୍ବାଦିକଙ୍କ ସହ ଆଲୋଚନା କରିଥିଲେ। ଓ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାର ଗମନାଗମନକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ଉନ୍ନତିକରଣ ପାଇଁ ପ୍ରସ୍ତୁତ ହୋଇଥିବା ରୋଡ ମ୍ୟାପ୍ ଉପରେ ସାଂସଦ ସିଂଦେଓ ଆଲୋଚନା କରିଥିଲେ। ଓ ଖୁବ୍ ଶୀଘ୍ର ଗାଁ କୁ ପହଞ୍ଚି ଲୋକ ଙ୍କ ସହ ସଂପର୍କ ଅଭିଜାନ କରିବୁ ବୋଲି ସାଂସଦ ସିଂହଦେଓ ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକ ସଂଘ ଓ ଓଡ଼ିଶା ସାମ୍ବାଦିକ ସଂଘ ସମେତ ସହର ର ବିଭିନ୍ନ ସଂଗଠନ ପକ୍ଷରୁ ସହର ତଥା ଜିଲ୍ଲା ର ବିକାଶ ଲାଗି ଲିଖିତ ଭାବେ ଅନେକ ଦାବୀ ଉପସ୍ଥାପନ କରା ଯାଇଥିଲା। ଜିଲ୍ଲା ବିଜେପି ସଭାପତି ବେଣୁଧର ଦାଶଙ୍କ ପୌରୋହିତ୍ୟରେ




ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ସାନନ୍ଦ କୁମାର ମେହେର ସଂଯୋଜନା କରିଥିଲେ। ବିଜେପି ନେତା ପ୍ରମୋଦ କୁମାର ମହାପାତ୍ର, ଅଶୋକ କୁମାର ପୂଜାରୀ, ରାଧାକାନ୍ତ ମହାକୁର, ନଳନୀ ପଣ୍ଡା, ବିଶ୍ୱମ୍ଭର ମିଶ୍ର, ବିଜୟ ମହାକୁର, ଯୁବମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନ, ନଗର ସଭାପତି ସୁରେଶ ବିଶ୍ୱାଳ, ଯୁବନେତା ସ୍ୱରୂପ ପାତ୍ର, ଗଙ୍ଗାଧର ତରିଆ ପ୍ରମୁଖଙ୍କ ସମେତ ବହୁ ରାଜନେତା ବୁଦ୍ଧିଜୀବି ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ବିଶିଷ୍ଟ ଗାଳ୍ପିକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କମଳା ନେହେରୁ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବିଶିଷ୍ଟ ଗାଳ୍ପିକ ପ୍ରଦୀପ୍ତ କୁମାର ମିଶ୍ରଙ୍କର ୬୮ ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏମ୍ସ ହସପିଟାଲରେ ୧୭.୭.୨୦୨୬ ଦିନ କିଡନୀ ଜନିତ ରୋଗରେ ପରଲୋକ ହୋଇ ଯାଇଛି। ତାଙ୍କର ତିନୋଟି ଗଳ୍ପ ସଂଚୟନ 'ଛଦ୍ମ ଘଟ', 'କୁହୁଡି ଖେଳ', ଏବଂ 'କାନ୍ହୁ' ଗୁଣୀ ପାଠକ ମହଲରେ ଗଭୀର ସଂବେଦନାଶୀଳତାର ସ୍ତର ପାଇଁ ଆଦୃତ ହୋଇଥିଲା। ଚ଼ତୁର୍ଥ ଗଳ୍ପସଂଚ଼ୟନ ଆସନ୍ତା ଅଗଷ୍ଟ ୨ ତାରିଖରେ ଲୋକାର୍ପଣ ହେବାକୁ ସ୍ଥିର ହୋଇଥିଲା। ପ୍ରଥମ ଗଳ୍ପ ସଂଚୟନ 'ଛଦ୍ମଘଟ'ର ଦ୍ୱିତୀୟ ସଂସ୍କରଣ ମଧ୍ୟ ପ୍ରକାଶିତ ହୋଇଛି। ବହୁ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସେ ସଂବର୍ଦ୍ଧିତ ହୋଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଦାହ ସଂସ୍କାର ସଂପନ୍ନ ହୋଇ ଯାଇଛି। ଖଣ୍ଡପଡ଼ାଗଡର ମୂଳ ନିବାସୀ ଶ୍ରୀ ମିଶ୍ର ଭୁବନେଶ୍ୱରରେ ଅବସ୍ଥାନ କରୁଥିଲେ। ପତ୍ନୀ ସୁସ୍ମିତା ଏବଂ ପୁତ୍ର ଅଭିଷେକଙ୍କୁ ସେ ଛାଡି ଯାଇଛନ୍ତି।

# କୋଶୋଳି ବରନ ବୋଧ ପାଣ୍ଡୁଲିପି ଉନ୍ମୋଚନ

**ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ମହାନଦୀ ଯୋଗ ବିହାର ସ୍ଥିତ ଗୋପାଳଜୀ ତମଶ୍ୱା ଯୋଗାଳୟ ର ସାଧନା କକ୍ଷରେ ଯୋଗାଳୟ ର ବରିଷ୍ଠ ସଦସ୍ୟ ତଥା ଜଣେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡାଙ୍କର ପଞ୍ଚମ ସାରସ୍ୱତ ସୃଷ୍ଟି- 'କୋସଲି ବରନବୋଧ, ପାଣ୍ଡୁଲିପି ର ଏକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡ଼କ୍ଟର ସନ୍ତୋଷ କୁମାର ପାଢ଼ୀ, ସମ୍ମାନୀତ ଅତିଥି ଭାବରେ କବି ଆର୍ତ୍ତତ୍ରାଣ ବାବୁ, କବି ଯୁଧିଷ୍ଠିର ଖମାରୀ, ଡ଼ ଦେବାଶିଷ ପାଣ୍ଡିଆ ଯୋଗ ଦେଇ , ଲେଖକ ପଣ୍ଡାଙ୍କର ଉଦ୍ୟମ କୁ ଭୂୟସୀ ପ୍ରଶଂସା କରିବା ସହିତ କୋସଲି ବରନବୋଧ ସମଗ୍ର



କୋସଲାଞ୍ଚଳ ପାଇଁ ଏକ ଅମୂଲ୍ୟ ବସ୍ତାବିଚ୍ ହେବା ସହ ଶିକ୍ଷାକ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉପାଦେୟ ଗ୍ରନ୍ଥ ହେବ ବୋଲି ମତପ୍ରକାଶ କରିଥିଲେ। ଲେଖକ ପଣ୍ଡା ପୁସ୍ତକ ରଚ଼ନାର ଆବଶ୍ୟକତା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ପୁସ୍ତକରେ କୌଣସି ତ୍ରୁଟି ବିଚ୍ୟୁତିକୁ ଦର୍ଶାଇ ସଂଶୋଧନ ପୂର୍ବକ ନିର୍ଭୁଲ ତଥା ପରି ମାର୍ଜିତ ପୁସ୍ତକ ବାହାର କରିବା ପାଇଁ ସାହାଯ୍ୟ, ପରାମର୍ଶ, ଉପଦେଶ ଯୋଗାଇଦେବାକୁ ଅତିଥି ମାନଙ୍କୁ ଅନୁରୋଧ ଜଣାଇଥିଲେ। ପାଣ୍ଡୁଲିପି କୁ ସମୀକ୍ଷା କରିଥିଲେ ଐତିହାସିକ ସୁଦାମ ନାଏକ। ଶିକ୍ଷାବିତ୍ ପ୍ରଦୀପ ପୁରୋହିତ ସଭାକୁ ସଂଯୋଜନା କରିଥିବା ବେଳେ, ଧନ୍ୟବାଦ ପ୍ରଦାନ କରିଥିଲେ କବି ଅଖୋଜ କୁମାର ଷାଣ୍ଢ। ଏହି ସାରସ୍ୱତ ସଭାରେ ଯୋଗାଳୟ ର ସମସ୍ତ ଯୋଗୀ ମାନଙ୍କ ସହିତ, ସହରର ଅନେକ ବୁଦ୍ଧିଜୀବୀ ଅଂଶଗ୍ରହଣ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ବାୟା ଅବଧୂତ କଲେଜରେ ବନମହୋତ୍ସବ

# ବୃକ୍ଷ ରୋପଣ ମାଧ୍ୟମରେ ପ୍ରାଣୀ ଜଗତର ସୁରକ୍ଷା ପାଇଁ ଆହ୍ୱାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରେଡ୍ କ୍ରସ ସୋସାଇଟି ତରଫରୁ ଏକ ବ୍ୟାପକ ବନମହୋତ୍ସବ କାର୍ଯ୍ୟକ୍ରମ ବାୟା ଅବଧୂତ କଲେଜ,କନିମୂଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ଇଞ୍ଜିନିୟର ପ୍ରଭାକର ସ୍ୱାଇଁ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି କହିଥିଲେ। ବିଶିଷ୍ଟ ସାଂସ୍କୃତିକ ସଂଗଠକ ସରୋଜ କୁମାର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକୃତି ର ସୁରକ୍ଷା ପାଇଁ ପ୍ରତ୍ୟେକ ଗଛ ଲଗାଇବା ସହିତ ଅନ୍ୟ ମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସଭାପତିତ୍ୱ କରି କଲେଜ ର ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ସିଂହ ଆମେ ବଞ୍ଚିବା ପାଇଁ ଆବଶ୍ୟକ ପରିବେଶ କେବଳ ବୃକ୍ଷ ରୋପଣ ମାଧ୍ୟମରେ ସମ୍ଭବ ବୋଲି କହିଥିଲେ। ଡିଗ୍ରି କଲେଜ ର ଅଧ୍ୟକ୍ଷ ନିରଞ୍ଜନ ବେହେରା ପରିବେଶ ର ସୁରକ୍ଷା ପାଇଁ ସମସ୍ତେ ଗଛ ଲଗାଇବା ଓ ତାହାର ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ। ରେଡ୍ କ୍ରସ କାଉନସେଲର ମନୋରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଓ ଲେଡି କାଉନସେଲର ସାଗରିକା ଦାସ୍ ଙ୍କ ସହଯୋଗରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣ ସମ୍ପର୍କିତ ଆଲୋଚନା ମାଧ୍ୟମରେ ସଚେତନତା କରିବା ସହ ସମସ୍ତକର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସମ୍ମିଳିତ ଭାବରେ ବ୍ୟାପକ ବୃକ୍ଷ ରୋପଣ କରିଥିଲେ। ବୃକ୍ଷ ଗୁଡିକ ର ସୁରକ୍ଷା ପାଇଁ ରେଡ୍ କ୍ରସ ସୋସାଇଟି ତରଫରୁ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଅଧ୍ୟାପିକା ଦିପିଦିପାଳି ମହାପାତ୍ର, ସଞ୍ଜୁକ୍ତା ମହାନ୍ତି, ଦୀପ୍ତି ମୟୀ ବେହେରା, ଅଧ୍ୟାପକ ଅଜୟ କୁମାର ସ୍ୱାଇଁ ,ସାରଦା ପ୍ରସନ୍ନ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ, ପୁଷ୍ପକ କୁମାର କରଶର୍ମା, ପ୍ରଶାନ୍ତ କୁମାର ମହାପାତ୍ର, ସଞ୍ଜୟ କୁମାର ଦାସ, ବିକାଶ ଚନ୍ଦ୍ର ମହାନ୍ତି, ରମାକାନ୍ତ ଲେଙ୍କା, ଫକିର ଚରଣ ବାରିକ, ପିଣ୍ଟୁ ଚରଣ ବେହୁରା, ଦିଲ୍ଲିପ କୁମାର ସ୍ୱାଇଁ, ବିଜୟ କୁମାର ଦାଶ, ଶିଶିର କୁମାର ମହାପାତ୍ର, ବିଭୁପଦାରବିନ୍ଦ କର, ଖୁଲଣା ସ୍ୱାଇଁ, ପ୍ରଗତିକା ମହାନ୍ତି, ଲିଲିମା ସ୍ୱାଇଁ ଶାନ୍ତନୁ ଜେନା, ସତ୍ୟ ନାରାୟଣ ମହାପାତ୍ର, ନୃସିଂହ ରାଉତ,ରବିନ୍ଦ୍ର ନାୟକ, ପ୍ରବିର ସାହୁ। ଶର୍ମିଷ୍ଠା ମହାପାତ୍ର,ଲୋକନାଥ ରଣା, ଅନିରୁଦ୍ଧ ସାହୁ, ନୃସିଂହ ସାହୁ, ପ୍ରମୋଦ କୁମାର ରାଉତ, ଶ୍ରୀକାନ୍ତ ନାୟକ ଓ ନଗେନ୍ଦ୍ର ନାୟକ ପରିବେଶ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାନ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଚନ୍ଦନ ଦାଶ, ଅନନ୍ୟା ସାହୁ, ସ୍ମୃତି ରଞ୍ଜନ ଦାସ ଓ ତନ୍ମୟ ସାହୁ ଭଲ୍ୟୁଣ୍ଟର କାର୍ଯ୍ୟ କରିଥିଲେ। ଶେଷରେ ରେଡ୍ କ୍ରସ କାଉନସେଲର ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗର ଉପଦେୟତା ସମ୍ପର୍କରେ ଆଲୋକପାତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ଅଷ୍ଟାଦଶତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ସଂଘ ସଭାପତି ନରହରି ନାୟକଙ୍କ ପୌରୋହିତ୍ୟରେ କପାଳେଶ୍ୱରସ୍ଥିତ ଶିକ୍ଷକ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯୋଗ ପ୍ରଶିକ୍ଷକ ଜୟକୃଷ୍ଣ ପରିଡ଼ା ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ସଦସ୍ୟ ଓ ଛାତ୍ରଛାତ୍ରୀ ମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ସଂପାଦକ ପ୍ରମୋଦ ନାୟକ ସ୍ୱାଗତ ଭାଷଣ ଓ ଜୟକୃଷ୍ଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ସୁକାନ୍ତ କୁମାର ମହାନ୍ତି,ତ୍ରିଲୋଚନ ପଣ୍ଡା, ଗୌତମ ଆଚାର୍ଯ୍ୟ, ନିକୁଞ୍ଜ ପଣ୍ଡା, ପବିତ୍ର ଜେନ, ରମାନାଥ ଆଚାର୍ଯ୍ୟ ପ୍ରମୁଖ ଯୋଗର ଉପାଦେୟତା, ଶିକ୍ଷକ ମାନଙ୍କ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। କଳିଙ୍ଗ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ମଲ୍ଲଙ୍କୁ ସଂଘର ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଲପାହାଡ଼ ରେଳ ଓଭରବ୍ରିଜ୍ ପ୍ରକଳ୍ପ : ସଂଶୋଧିତ ଟେଣ୍ଡର ଜାରି

**ଝାରସୁଗଡ଼ା, ନ୍ୟୁଜ ବ୍ୟୁରୋ**

ବହୁ ଦିନର ଅପେକ୍ଷାରେ ଥିବା ବେଲପାହାଡ଼ ରେଳ ଓଭରବ୍ରିଜ୍ (ଆରଓବି) ପ୍ରକଳ୍ପର ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟ ବିଭାଗ ପକ୍ଷରୁ ପୁଣିଥରେ ଟେଣ୍ଡର ସର୍ତ୍ତାବଳୀରେ ସଂଶୋଧନ କରାଯାଇଛି। ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ), ଓଡ଼ିଶାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସର୍ବଶେଷ ବିଜ୍ଞପ୍ତି ଅନୁଯାୟୀ, ଟେଣ୍ଡର ଦାଖଲର ଶେଷ ତାରିଖକୁ ଆସନ୍ତା ଅଗଷ୍ଟ ୧୨ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ପ୍ରଥମ ଟେଣ୍ଡର ବିଜ୍ଞପ୍ତି ଚଳିତ ବର୍ଷ ମେ' ୩୦ରେ ପ୍ରକାଶ ପାଇଥିଲା। ପରେ ଜୁନ୍ ୧୮ରେ ପ୍ରଥମ ସଂଶୋଧନ ଏବଂ ଜୁଲାଇ ୧୭ରେ ଦ୍ୱିତୀୟ ସଂଶୋଧନ ଜାରି କରାଯାଇ ଟେଣ୍ଡର ପ୍ରକ୍ରିୟାର କିଛି ସର୍ତ୍ତ ଓ ସମୟସୀମାରେ ପରିବର୍ତ୍ତନ କରାଯାଇଛି। ବେଲପାହାଡ଼ ସହରର ଲେଭେଲ କ୍ରସିଂ ନଂ-୨୬୮ ନିକଟରେ ଝାରସୁଗୁଡା-ବେଲପାହାଡ଼ ରେଳପଥ ଉପରେ ପ୍ରସ୍ତାବିତ ଏହି ରେଳ ଓଭରବ୍ରିଜ୍ର ମୋଟ ଲମ୍ବ ୭୨୭.୮୦ ମିଟର ହେବ। ଏହା ସହ ୨୮୯.୪୪ ମିଟର ଲମ୍ବର ଆପ୍ରୋଚ୍ ରୋଡ୍ ନିର୍ମାଣ ମଧ୍ୟ କରାଯିବ। ପ୍ରକଳ୍ପ ପାଇଁ ପ୍ରାୟ ୮୪.୮୮ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ ହୋଇଥିବାବେଳେ ୩୦ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଝାରସୁଗୁଡା ରୋଡ୍ ଓ ବ୍ରିଜ୍ ଡିଭିଜନ ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସର୍ବଶେଷ ସଂଶୋଧନ ଅନୁସାରେ, ପ୍ରି-ବିଡ୍ ବୈଠକ ଜୁଲାଇ ୨୪ ତାରିଖ ଦିନ ୧୨ଟା ୩୦ ମିନିଟରେ ଅନୁଷ୍ଠିତ ହେବ। ଅନ୍ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ ଅଗଷ୍ଟ ୧୨ ସନ୍ଧ୍ୟା ୫ଟା ଧାର୍ଯ୍ୟ କରାଯାଇଥିବାବେଳେ ଟେକ୍ନିକାଲ୍ ବିଡ୍ ଅଗଷ୍ଟ ୧୩ ତାରିଖ ଅପରାହ୍ନ ୩ଟାରେ ଖୋଲାଯିବ।

# ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲରେ ଏସ.ଏମ.ସିର ନୂତନ କର୍ମକର୍ତ୍ତା



**ରମ୍ଭା , ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ନୀତିନିୟମ ପ୍ରକାରେ ସାବୁଲିଆ ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲ ପାଠାଗାର ଗୃହ ପରିସରରେ ନବ ନିଯୁକ୍ତ ପ୍ରଧାନ ଶିକ୍ଷକ ରୋହିତ କୁମାର ସାରଙ୍କ ଅଧ୍ୟକ୍ଷତାରେ ଏସ. ଏମ. ସି ର ଏକ ବୈଠକ ବସିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ଦାୟିତ୍ୱରେ ବରିଷ୍ଠ ଶିକ୍ଷୟତ୍ରୀ ପ୍ରିୟଙ୍କା ବରାଳ, ବରିଷ୍ଠ ଶିକ୍ଷକ ଅମର ପ୍ରସାଦ ନାୟକ ଓ ପ୍ରଫୁଲ କୁମାର ଦାସ ପରିଚାଳନା କରିଥିଲେ। ନବ ନିର୍ବାଚିତ କର୍ମକର୍ତା ମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ପରିଡା, ହିମାନି ମଲ୍ଲିକ ହୋଇଥିବା ବେଳେ ସଭ୍ୟ /ସଭ୍ୟା ମାନଙ୍କ ମଧ୍ୟରେ ରଞ୍ଜିତ ନାହାକ, ଟିକିନା ପ୍ରଧାନ, ହରିହର ମହାନ୍ତି, ପ୍ରତିମା ବେହେରା, ଗୋଲକ ବିହାରୀ ଚାନ୍ଦ, କବିତା ବେହେରା, କୁମାରୀ ଦାସ, ମୃତ୍ୟୁଞ୍ଜୟ ମିଶ୍ର, ସୁଭାଶିନୀ ସାହୁ, ଅନିତା ବାରିକ ପ୍ରମୁଖ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମ ରେ ସାବୁଲିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ଅହଲ୍ୟା ବେହେରା, ଆଲୁମିନି କମିଟି ବରିଷ୍ଠ ସଦସ୍ୟ ଶଶୀଧର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ଅମର ପ୍ରସାଦ ନାୟକ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

**ରମ୍ଭା , ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଓ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଗୋପବନ୍ଧୁ ଙ୍କ ଫୋଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ ସହ ଧୂପ ଦୀପ ଲଗାଯାଉ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତା ରେ ଛାତ୍ରୀ ଗୁଡଲି ବିଷୋୟୀ,ପ୍ରଥମ, ଶ୍ରାବଣୀ ବେହେରା ଦ୍ୱିତୀୟ, ସ୍ନେହଲତା ବିଷୋୟୀ ତୃତୀୟ ସ୍ଥାନ ହାସଲ କରିଥିଲେ। ମୁଖ୍ୟ ଅତିଥିଙ୍କ ମୁଖ୍ୟ ବକ୍ତା ଦ୍ୱାରା ଛାତ୍ରୀ ମାନେ ପୁରସ୍କୃତ ହୋଇ ଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସ୍ମରଣିକା ହୋତା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ,ମୁଖ୍ୟ ବକ୍ତା ଭାବେ ଗଞ୍ଜାମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନୀ, ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଅଧ୍ୟାପକ ଡ଼ଃ ଦୁର୍ଗା ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନବ୍ୟାପୀ ସେବା ଓ ଉତ୍ସର୍ଗୀକୃତ କର୍ମଧାରା ସମ୍ପର୍କରେ ଆଲୋକପାତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ



ହେବାପାଇଁ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ଦନ୍ତପୁର ଗବେଷକ ଅଶୋକ କୁମାର ସାହୁ, ଶିକ୍ଷକ ବିଭୂତି ଚରଣ ବେହେରା ଯୋଗ ଦେଇ ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗିରୀଶ ଆଚାର୍ଯ୍ୟ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆୟୋଜକ ଭାବେ ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରେଇ ସମସ୍ତ କାର୍ଯ୍ୟକ୍ରମ ତଥା ବକ୍ତୃତା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ରଘୁନାଥପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଦିତ୍ୟ ମହାପାତ୍ର, ବିଦ୍ୟାକ୍ଷଧାର ସାହୁ, ପ୍ରଦୀପ ପଣ୍ଡା, ଗୋବିନ୍ଦ ଗୌଡ଼,ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସକ୍ରିୟ ସହଯୋଗ କରିଥିଲେ। ଏନ, ସି ସି କ୍ୟାଡଟ କ୍ୟାପଟେନ ଜି ଲକି ରେଡି, ଏବଂ ପିଓ କ୍ୟାଡଟ ଶୁଭଙ୍କର ପଣ୍ଡା ଦଶ ଦିନିଆ ସର୍ବ ଭାରତୀୟ ନଉ ସୈନିକ ଲୋନାଭାଲ ମୁମ୍ବାଇ ଠାରେ ଅନୁଷ୍ଠିତ କ୍ୟାମ୍ପ ରେ ଓଡିଶା ପକ୍ଷରୁ ଭାଗ ନେଇ ସଫଳତା ସହ ଫେରିଥିବା ଯୋଗୁଁ ତାଙ୍କୁ ମଧ୍ୟ ଅତିଥି ମାନେ ସଂମ୍ମାନିତ କରିଥିଲେ।

# ସିଦ୍ଧଳ ଆଡ଼ପ ମଣ୍ଡପରେ ଜଣା ଅଜଣା କାର୍ଯ୍ୟକ୍ରମ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ମୁଦୁପୁର ପଞ୍ଚାୟତସ୍ଥ ସିଦ୍ଧଳ ଗ୍ରାମରେ ଅନୁଷ୍ଠିତ ରଥଯାତ୍ରା ପରେ ସାତଦିନ ଧରି ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅବସ୍ଥାନ କାଳରେ ପ୍ରତି ଅପରାହ୍ଣରେ ଜଣା ଅଜଣା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ନବକାକଳି ସାହିତ୍ୟ ପତ୍ରିକା ତରଫରୁ ୩୦ ଗୋଟି ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରଶ୍ନର ଉତ୍ତରଦାତାଙ୍କୁ ବ୍ୟାଗ, ପୁସ୍ତକ, ଖାତା ଏବଂ କଲମ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର ଗୁଡ଼ିକ ନବକାକଳିର ପରିଚାଳନା ସମ୍ପାଦିକା ମନୋରମା ଦାଶ ପ୍ରଦାନ କରିଥିଲେ। ମଞ୍ଚରେ ସଭାପତିତ୍ୱ କରିଥିଲେ ବୈକୁଣ୍ଠନାଥ ମିଶ୍ର, ମୁଖ୍ୟ ଅତିଥି ଭାବରେ ନଗେନ. ପଣ୍ଡା, ବିଶିଷ୍ଟ ଅତିଥି ଭାବେ ଇଂ ବେଣୀ ମାଧବ ତ୍ରିପାଠୀ, ବରେଣ୍ୟ ଅତିଥି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ସମ୍ପାଦକ ଶିଶିର କୁମାର ତ୍ରିପାଠୀ, ପଣ୍ଡିତ ସୁରେନ୍ଦ୍ର ନାଥ ଦାଶଶର୍ମା, ସମାଜସେବୀ ପ୍ରିୟନାଥ ରାୟ ଏବଂ ରାମଚନ୍ଦ୍ର ଦାଶ ଉଦ୍‌ବୋଧନ ଦେବା ପରେ ନବକାକଳିର ରଥ ବିଶେଷାଙ୍କ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ଜଗତସିଂହପୁରର ନବମ ଶ୍ରେଣୀର ଛାତ୍ରୀ ପ୍ରତୀକ୍ଷା ମହାପାତ୍ରଙ୍କ ଇଂରାଜୀ ପୁସ୍ତକ ଅନ୍ ସ୍ପୋକେନ କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏଥିରେ ଲେଖିକାଙ୍କ ପିତା ପ୍ରିୟବ୍ରତ ମହାପାତ୍ର ଏବଂ ମାତା ପ୍ରୀତି ପ୍ରଭା ଦାଶ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। କୁଇଜ୍ ମାଷ୍ଟର ଭାବରେ ରୁଦ୍ରପ୍ରସନ୍ନ ପତି, ଅନିଳ କୁମାର ଦାଶ, କିରଣ କୁମାର ବେହେରା, ସୁଦର୍ଶନ ଷଡ଼ଙ୍ଗୀ କାର୍ଯ୍ୟ ନିର୍ବାହ କରିଥିଲେ। ରୁଦ୍ରପ୍ରସାଦ ବାରିକ ସହଯୋଗ କରିଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବିଶ୍ୱକୁ ପ୍ଲାଷ୍ଟିକ ମୁକ୍ତ କରିବ ଏହି ଫଙ୍ଗସ୍

ପ୍ଲାଷ୍ଟିକ କବଳରୁ ମୁକୁଳିବ ବିଶ୍ୱ। କାରଣ ଆମାଜନ ଜଙ୍ଗଲରୁ ମିଳିଲା ପ୍ଲାଷ୍ଟିକ ଖାଉଥିବା ଅଦ୍ଭୁତ ଫଙ୍ଗସ୍। ସମୁଦ୍ରରୁ ସହର ପର୍ଯ୍ୟନ୍ତ ପ୍ଲାଷ୍ଟିକର ଆତଙ୍କ କିନ୍ତୁ ଏବେ ଏହାର ଶେଷ ପାଇଁ ପ୍ରକୃତି ଦେଇଛି ନୂଆ ଅସ୍ତ୍ର। ଆଜ୍ଞା ହଁ ବୈଜ୍ଞାନିକମାନେ ଏମିତି ଏକ ଆବିଷ୍କାର କରିଛନ୍ତି ଯାହା ଏହି ସମସ୍ୟାର ସମାଧାନ କରିପାରିବ। ଆମାଜନ ରେନଫରେଷ୍ଟରୁ ଏମିତି ଏକ ଫଙ୍ଗସ୍ ଚିହ୍ନଟ ହେଇଛି, ଯାହା ପ୍ଲାଷ୍ଟିକକୁ ମୂଳରୁ ଶେଷ କରିପାରିବ। ଗବେଷଣା ଅନୁସାରେ, ଏହି ଫଙ୍ଗସର ନାମ Pestalotiopsis microsporaö ଏବଂ ଏହା ଆମାଜନ ଜଙ୍ଗଲରୁ ମିଳିଥିଲା। ବୈଜ୍ଞାନିକମାନେ ପରୀକ୍ଷା ସମୟରେ ଦେଖିଥିଲେ ଯେ, ଏହି ଫଙ୍ଗସ ପଲିଥିନ୍ ଏବଂ ବଟଲ ପରି ପ୍ଲାଷ୍ଟିକ ଜିନିଷକୁ ଧୀରେ ଧୀରେ ନଷ୍ଟ କରିପାରୁଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହା ଅକ୍ସିଜେନ୍ କମ୍ ଥିବା ପରିବେଶରେ ମଧ୍ୟ ବଞ୍ଚିପାରେ ଓ ପ୍ଲାଷ୍ଟିକକୁ ମୂଳରୁ ଶେଷ କରିପାରେ । ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଏହି ଫଙ୍ଗସ୍ polyester polyurethanର ପରି ପ୍ଲାଷ୍ଟିକକୁ ନିଜର ଖାଦ୍ୟ ଭାବେ ବ୍ୟବହାର କରେ। ଅର୍ଥାତ୍ ଏହା ପ୍ଲାଷ୍ଟିକକୁ ଭାଙ୍ଗି ତାହା ମଧ୍ୟରୁ ଶକ୍ତି ଗ୍ରହଣ କରିପାରେ। ଯଦି ଏହି ପ୍ରକ୍ରିୟାକୁ ଔଦ୍ୟୋଗିକ ସ୍ତରରେ ବିକଶିତ କରାଯାଏ, ତେବେ ବିଶ୍ୱରେ ଜମା ହୋଇଥିବା ଲକ୍ଷ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନାକୁ କମାଇବାରେ ବଡ଼ ସହାୟତା ମିଳିପାରେ। ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ ନଷ୍ଟ ହେବାକୁ ଶହ ଶହ ବର୍ଷ ଲାଗୁଥିବାବେଳେ, ଏହି ପ୍ରାକୃତିକ ଫଙ୍ଗସ୍ ସେହି ପ୍ରକ୍ରିୟାକୁ ଅନେକ ଗୁଣ ତ୍ୱରାନ୍ୱିତ କରିପାରେ ବୋଲି ଆଶା କରାଯାଉଛି। ପରିବେଶବିଦଙ୍କ ଅନୁଯାୟୀ ପ୍ରକୃତି ମଧ୍ୟରେ ଏଭଳି ଅନେକ ଅଜଣା ଜୀବ ଲୁଚି ରହିଛନ୍ତି, ଯେଉଁମାନେ ମାନବ ସୃଷ୍ଟି ସମସ୍ୟାର ସମାଧାନ କରିପାରନ୍ତି । ଏହି ଗବେଷଣା ପରେ ଆମାଜନ୍ ଜଙ୍ଗଲ ପ୍ରତି ବୈଜ୍ଞାନିକମାନଙ୍କ ଆଗ୍ରହ ଆହୁରି ବଢ଼ିଛି। ଗବେଷକମାନେ ଏବେ ଏହି ଫଙ୍ଗସର କାର୍ଯ୍ୟ ପ୍ରଣାଳୀ, ଏହାର ଏନଜାଇମ୍ ଓ ବ୍ୟାପକ ବ୍ୟବହାର ନେଇ ଅଧିକ ଅଧ୍ୟୟନ କରୁଛନ୍ତି। ଯଦି ସବୁକିଛି ସଫଳ ହୁଏ, ତେବେ ଆଗାମୀ ଦିନରେ ପ୍ଲାଷ୍ଟିକ୍ ପ୍ରଦୂଷଣ ବିରୋଧରେ ଏହା ଏକ ପ୍ରାକୃତିକ ଓ ପ୍ରଭାବଶାଳୀ ଅସ୍ତ୍ର ହୋଇପାରେ। ପ୍ଲାଷ୍ଟିକର ହେବ ଅନ୍ତ ! ପଲିଥିନ୍ ବ୍ୟାଗ୍ ଓ ବୋତଲକୁ ଖାଇଦେବ ଆମାଜନ ଫଙ୍ଗସ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ମାତୃତ୍ୱ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ତୁମେ ସଂସାରୀ ହୁଅ, କି ଯାହାବି ହୁଅ, ଏ ସଂସାର ଏ ପୃଥିବୀର ଅଧିକାରୀ ହେଲେ ମା କେତେ କଷ୍ଟ କେତେ ଦୁଃଖ, କେତେ ଯନ୍ତ୍ରଣା ପାଇଲେ ମଧ୍ୟ ତା ମୁଖରେ ହସଥାଏ । ସେହି ମା ତେଣୁ ହେ ସୁଧିଜନ, ହେ ସଂସାରୀ ପୃଥିବୀ ଓ ଆକାଶ ଠାରୁ ବି ମା ବଡ । ତେଣୁ ଏହି ବଡ ସହିତ ତାଳ ମିଳାଇ କିପରି ଚାଲିବ । ସେଥିପ୍ରତି ତ୍ୟାଗ ରହିବା ହେଉଛି ତୁମର ପ୍ରଥମ କର୍ତ୍ତବ୍ୟ । ତେଣୁ ହେ ଭକ୍ତ, ହେ ଶିଷ୍ୟ, ସେ ସଂସାରୀ ପ୍ରଥମେ ନାରୀକୁ ସମ୍ମାନ ଦେବା ଶିଖ । ଦେଖିବ ତୁମର ସଂସାର କେତେ ସୁନ୍ଦର ହୋଇଯିବ । ପ୍ରକୃତ ସଂସାରର ମାଳି ହିଁ ନାରୀ । ସେ ନଥିଲେ ସଂସାର ନାହିଁ । ସେ ନଥିଲେ ସୁଖ ନାହିଁ । ସେ ନଥିଲେ ପୁରୁଷର ସତା ବି ନାହିଁ । ତାହେଲେ କାହାପାଇଁ ଏ ପୁରୁଷତ୍ୱ।

ତେଣୁ ହେ ସୁଧିଜନ ପ୍ରଥମେ ତୁମେ ସଙ୍କଳିତ ମନରେ ତୁମର ସ୍ତ୍ରୀକୁ ପ୍ରଥମେ ମାତୃତ୍ୱର ସମ୍ମାନ ଦେବା ଶିଖ । କାରଣ ସେ ସିନା ତୁମର ସ୍ତ୍ରୀ ପୁଣି କାହାର ତ ମା ତେଣୁ ସନ୍ତାନ ବତ୍ସଳା ମା କୁ ହାତାଦାର କାରଣ ଶୀହନ ତୁମେ ହୋଇଯିବ । ତେଣୁ ନାରୀ ହିଁ ସୃଷ୍ଟି, ନାରୀ ହିଁ ମା, ତେଣୁ ହେ ମାନବ ସାବଧାନ ନଚେତ୍ ଠକିଯିବ । ହରି ଓଁ ।

**ସମ୍ଭବ**

ହେ ଭକ୍ତ ସମ୍ଭବପର ସବୁ ହୋଇପାରେ । ସେହି ଭକ୍ତ, ଯେ ନିଷ୍କାମ ଓ ନିଷ୍ଠାର ସହିତ ସତ୍ୟକୁ ଆଧାର କରି ସମୟର ପ୍ରତ୍ୟେକ ମୂହୁର୍ତ୍ତକୁ ଶାନ୍ତିର ବାଣୀ ଦ୍ୱାରା ପରିଚାଳନା କରିଥାଏ । ସେହି ଭକ୍ତ ହିଁ ସମାଜ ପାଇଁ ସମ୍ଭବପର ହୋଇଥାଏ । କାରଣ ତା ପାଖରେ ଅସମ୍ଭବ କିଛି ନାହିଁ । କାରଣ ତାର କାୟ ମନ ବାକ୍ୟରେ ସମ୍ବଳ ହିଁ ସ୍ୱୟଂ ଈଶ୍ୱର । ତେଣୁ ସେ ନିର୍ଭିକ ବିବେକବାନ ସେ ହିଁ ଧର୍ମ । ସେ ହିଁ ସନାତନ ।

ତେଣୁ ହେ ଭକ୍ତ ସମ୍ଭବକୁ ଅସମ୍ଭବ ଭାବିବା ଭାରି ସହଜ କିନ୍ତୁ ତାକୁ ପାଳନ କରିବା ଭାରି କଷ୍ଟ । କିନ୍ତୁ ସମ୍ଭବ ଭକ୍ତର ଭାଷାକୁ ବୁଝିବା ଭାରି କଷ୍ଟ । ତାର ବାକ୍ୟକୁ ଗ୍ରହଣ କରିବା ସବୁଠାରୁ କଷ୍ଟ । ସେତିକି ନିଷ୍ଠା ଥିବା ଦରକାର । ଯେପରି ଅଙ୍ଗୁର ଖାଇ ନପାରିଲେ ଖଟା ବୋଲି କହିଥାଆନ୍ତି ସେହିପରି ଭକ୍ତର ମନକୁ ନ ବୁଝି ତାକୁ ହେୟ ଜ୍ଞାନ କରିଥାଆନ୍ତି ଏହି ବଦ୍ଧଜୀବମାନେ । ତେଣୁ ହେ ଭକ୍ତ ପାତ୍ରରେ ଦାନ ଦିଅ । ଅ ପାତ୍ରରେ ନୁହେଁ । ତାର ଅର୍ଥ ହେଲା –

"ମୁର୍ଖକୁ ଦେଲେ ଉପଦେଶ
ଲାଗିବ ବ୍ରହ୍ମହତ୍ୟା ଦୋଷ ।"

# ଭକ୍ତି ଓ ଭକ୍ତର ମହାମିଳନ ବିଶ୍ୱବନ୍ଦିତ ରଥଯାତ୍ରା



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩

କୋଟି କୋଟି ଓଡ଼ିଆର ପରିଚୟ, ଗୌରବ ଓ ଆଧାତ୍ମିକ ଚେତନାର ସର୍ବୋଚ୍ଚ ପ୍ରତୀକ ଅଟେ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ବା ଘୋଷଯାତ୍ରା। ଏହା କେବଳ ଏକ ଧାର୍ମିକ ପର୍ବ ନୁହେଁ; ବରଂ ଏହା ଭକ୍ତି, ପ୍ରେମ, ଭାଇଚାରା, ସାମାଜିକ ସମନ୍ୱୟ ଏବଂ ମାନବତାର ଏକ ମହାନ ସନ୍ଦେଶ ବହନ କରୁଥିବା ବିଶ୍ୱବନ୍ଦିତ ସାଂସ୍କୃତିକ ଉତ୍ସବ। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀର ବଡ଼ଦାଣ୍ଡରେ ଅନୁଷ୍ଠିତ ଏହି ମହାଯାତ୍ରା ଦେଶ-ବିଦେଶର କୋଟି କୋଟି ଭକ୍ତଙ୍କ ଆସ୍ଥା ଓ ଆବେଗର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଓଡ଼ିଶାର ଏହି ଅନନ୍ୟ ପରମ୍ପରା ଆଜି ବିଶ୍ୱର ସାଂସ୍କୃତିକ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। 'ଜଗନ୍ନାଥ' ଶବ୍ଦର ଅର୍ଥ ହେଉଛି—ଜଗତର ନାଥ ବା ସମଗ୍ର ବିଶ୍ୱର ପ୍ରଭୁ। ସେଥିପାଇଁ ତାଙ୍କ ଦରବାରରେ ଧନୀ-ଦରିଦ୍ର, ଜାତି-ବର୍ଣ୍ଣ, ଧର୍ମ-ସମ୍ପ୍ରଦାୟର କୌଣସି ଭେଦଭାବ ନଥାଏ। ସେ ସମସ୍ତଙ୍କର ପ୍ରଭୁ, ସମସ୍ତଙ୍କର ଆଶ୍ରୟଦାତା। ରଥଯାତ୍ରା ହେଉଛି ସେହି ମହାନ ଆଦର୍ଶର ଜୀବନ୍ତ ପ୍ରତୀକ। ବର୍ଷର ଅନ୍ୟ ସମୟରେ ଶ୍ରୀମନ୍ଦିରକୁ ପ୍ରବେଶ କରିବାର ସୁଯୋଗ ସମସ୍ତଙ୍କୁ ମିଳେନାହିଁ, କିନ୍ତୁ ରଥଯାତ୍ରା ସମୟରେ ପ୍ରଭୁ ସ୍ୱୟଂ ମନ୍ଦିରରୁ ବାହାରି ଭକ୍ତଙ୍କ ନିକଟକୁ ଆସନ୍ତି। ଭକ୍ତଙ୍କ ଘରଦୁଆରକୁ, ସେମାନଙ୍କ ହୃଦୟକୁ ଆସି ସେ ସ୍ନେହ, କରୁଣା ଓ ଆଶୀର୍ବାଦର ବାର୍ତ୍ତା ବାଣ୍ଟିଥାନ୍ତି। ଏହି ଲୀଳା ପ୍ରଭୁ ଓ ଭକ୍ତଙ୍କ ମଧ୍ୟରେ ଥିବା ଆଧାତ୍ମିକ ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ। ରଥଯାତ୍ରାର ପ୍ରସ୍ତୁତି ବହୁ ପୂର୍ବରୁ ଆରମ୍ଭ ହୋଇଯାଏ। ଅକ୍ଷୟ ତୃତୀୟା ଦିନ ତିନୋଟି ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ପାରମ୍ପରିକ ବିଧିବିଧାନ ଅନୁଯାୟୀ ନିର୍ଦ୍ଦିଷ୍ଟ କାଠରେ ମହାରଣା ସେବକମାନେ ତିନୋଟି ରଥ ନିର୍ମାଣ କରନ୍ତି। ଶ୍ରୀବଳଭଦ୍ରଙ୍କ ରଥ 'ତାଳଧ୍ୱଜ', ଦେବୀ ସୁଭଦ୍ରାଙ୍କ ରଥ 'ଦର୍ପଦଳନ' ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ 'ନନ୍ଦିଘୋଷ' ନାମରେ ପରିଚିତ। ପ୍ରତ୍ୟେକ ରଥର ଉଚ୍ଚତା, ଚକ ସଂଖ୍ୟା, ରଙ୍ଗ ଓ ସାଜସଜ୍ଜାର ସ୍ୱତନ୍ତ୍ର ବିଶେଷତା ରହିଛି। ଏହି ରଥଗୁଡ଼ିକ କେବଳ କାଠରେ ତିଆରି ଯାନ ନୁହେଁ, ବରଂ ଓଡ଼ିଆ କାରିଗରୀ କୌଶଳ, ପାରମ୍ପରିକ ଶିଳ୍ପ ଓ ଆଧାତ୍ମିକ ସାଧନାର ଅନନ୍ୟ ନିଦର୍ଶନ।

ରଥଯାତ୍ରା ଦିନ 'ପହଣ୍ଡି ବିଜେ' ଦୃଶ୍ୟ ଭକ୍ତମାନଙ୍କୁ ଅପାର ଆନନ୍ଦରେ ବିଭୋର କରିଥାଏ। ଢୋଲ, ମୃଦଙ୍ଗ, ଘଣ୍ଟ, କାହାଳୀ, ଶଙ୍ଖଧ୍ୱନି ଏବଂ ହରିବୋଲରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠେ। ଗଜପତି ମହାରାଜଙ୍କ ସୁନାର ଝାଡ଼ୁରେ ହୁଏ 'ଛେରା ପହଁରା' ନୀତି। ଗଜପତି ମହାରାଜ ସୁନାର ଝାଡ଼ୁରେ ତିନୋଟି ରଥକୁ ପରିଷ୍କାର କରନ୍ତି। ଏହି ନୀତି ଆମକୁ ଶିଖାଏ ଯେ, ପ୍ରଭୁଙ୍କ ସମ୍ମୁଖରେ ରାଜା ହୁଅନ୍ତୁ କି ସାଧାରଣ ପ୍ରଜା, ସମସ୍ତେ ସମାନ। ଅହଂକାରକୁ ପରିତ୍ୟାଗ କରି ସେବାକରିବା ହିଁ ପ୍ରକୃତ ମାନବଧର୍ମ। ଏହା ପରେ ଲକ୍ଷ ଲକ୍ଷ ଭକ୍ତ ରଥର ଦଉଡ଼ି ଟାଣିବା ପାଇଁ ଉତ୍ସାହର ସହ ଆଗେଇ ଆସନ୍ତି। ବିଶ୍ୱାସ ରହିଛି ଯେ, ପ୍ରଭୁଙ୍କ ରଥର ଦଉଡ଼ି ଟାଣିବା ଏକ ବିରଳ ସୌଭାଗ୍ୟ ଓ ପୁଣ୍ୟର ବିଷୟ। ସେହି ସମୟରେ ବଡ଼ଦାଣ୍ଡରେ ଜନସମୁଦ୍ରର ଢେଉ ଖେଳିଯାଏ। ଭକ୍ତଙ୍କ ଆଖିରେ ଆନନ୍ଦାଶ୍ରୁ, ମୁଖରେ 'ଜୟ ଜଗନ୍ନାଥ'ର ଧ୍ୱନି ଏବଂ ହୃଦୟରେ ଅସୀମ ଭକ୍ତିର ଉଚ୍ଛ୍ୱାସ ଏକ ଅବର୍ଣ୍ଣନୀୟ ପରିବେଶ ସୃଷ୍ଟି କରେ। ସେହି କ୍ଷଣରେ ମନେ ହୁଏ ଯେପରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ଦୂରତା ନାହିଁ; ଉଭୟ ଏକାକାର ହୋଇଯାଇଛନ୍ତି। ଘୋଷଯାତ୍ରାର ଆଉ ଏକ ବିଶେଷ ଦିଗ ହେଉଛି ଗୁଣ୍ଡିଚା ମନ୍ଦିର ଯାତ୍ରା। ଭକ୍ତମାନଙ୍କ ବିଶ୍ୱାସ ଅନୁଯାୟୀ, ମହାପ୍ରଭୁ ତାଙ୍କ ମାଉସୀଘରକୁ ଯାଇ ନଅ ଦିନ ଅବସ୍ଥାନ କରନ୍ତି। ଏହି ସମୟରେ ଲକ୍ଷାଧିକ ଭକ୍ତ ଗୁଣ୍ଡିଚା ମନ୍ଦିରରେ ଦର୍ଶନ କରି ପ୍ରଭୁଙ୍କ କୃପାଲାଭ କରନ୍ତି। ବାହୁଡ଼ା ଯାତ୍ରା, ସୁନାବେଶ ଭଳି ବିଭିନ୍ନ ନୀତି ଏହି ଉତ୍ସବକୁ ଆହୁରି ଗୌରବମୟ କରିଥାଏ। ବିଶେଷକରି ସୁନାବେଶରେ ସୁବର୍ଣ୍ଣ ଅଳଙ୍କାରରେ ବିଭୂଷିତ ମହାପ୍ରଭୁଙ୍କ ଦିବ୍ୟ ରୂପ ଦେଖିବାକୁ ଅଗଣିତ ଭକ୍ତଙ୍କ ସମାଗମ ହୁଏ। ରଥଯାତ୍ରା କେବଳ ଏକ ଧାର୍ମିକ ପରମ୍ପରା ନୁହେଁ; ଏହା ଓଡ଼ିଶାର ସାଂସ୍କୃତିକ ଏକତାର ମହାପର୍ବ। ଏହି ଅବସରରେ ସଙ୍ଗୀତ, ଭଜନ, ଓଡ଼ିଶୀ କଳା, ପଟ୍ଟଚିତ୍ର, ହସ୍ତଶିଳ୍ପ, ପାରମ୍ପରିକ ଖାଦ୍ୟ ଓ ଲୋକସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଦେଶ-ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଓଡ଼ିଶାର ଐତିହ୍ୟ, ଅତିଥି ସତ୍କାର ଏବଂ ସାଂସ୍କୃତିକ ବୈଭବରେ ମୁଗ୍ଧ ହୋଇଥାନ୍ତି। ଫଳରେ ରଥଯାତ୍ରା ଓଡ଼ିଶାର ପର୍ଯ୍ୟଟନ, ଅର୍ଥନୀତି ଓ ବିଶ୍ୱସ୍ତରୀୟ ପରିଚୟକୁ ମଧ୍ୟ ସୁଦୃଢ଼ କରିଛି। ବର୍ତ୍ତମାନ ସମୟରେ ରଥଯାତ୍ରା କେବଳ ପୁରୀରେ ସୀମିତ ନାହିଁ। ପୃଥିବୀର ବିଭିନ୍ନ ଦେଶରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଧୁମଧାମରେ ପାଳିତ ହେଉଛି। ଲଣ୍ଡନ, ନ୍ୟୁୟର୍କ, ଟରୋଣ୍ଟୋ, ସିଡନୀ ଠାରୁ ଆରମ୍ଭ କରି ବିଶ୍ୱର ଅନେକ ସହରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଘଟୁଛି। ଏହା ପ୍ରମାଣ କରେ ଯେ, ମହାପ୍ରଭୁଙ୍କ ବାର୍ତ୍ତା କେବଳ ଗୋଟିଏ ରାଜ୍ୟ କିମ୍ବା ଦେଶର ନୁହେଁ; ସମଗ୍ର ମାନବ ସମାଜ ପାଇଁ ଉଦ୍ଦିଷ୍ଟ। ଆଜିର ବ୍ୟସ୍ତ ଓ ସ୍ୱାର୍ଥକେନ୍ଦ୍ରିକ ସମାଜରେ ରଥଯାତ୍ରା ଆମକୁ ଅନେକ ଜୀବନମୂଲ୍ୟର ଶିକ୍ଷା ଦେଇଥାଏ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା, ଅହଂକାର ତ୍ୟାଗ କରି ସେବାରେ ନିଜକୁ ନିୟୋଜିତ କରିବା, ପ୍ରେମ, ସହଯୋଗ, ସହନଶୀଳତା ଓ ମାନବତାକୁ ଜୀବନର ମୂଳମନ୍ତ୍ର କରିବା ଏହିସବୁ ଶିକ୍ଷା ଘୋଷଯାତ୍ରାର ପ୍ରତ୍ୟେକ ପର୍ବରେ ନିହିତ ରହିଛି। ଯେଉଁ ରଥ ଦଉଡ଼ିକୁ ହଜାର ହଜାର ଲୋକ ମିଳିତ ଭାବେ ଟାଣନ୍ତି, ତାହା ଆମକୁ ସଂଘବଦ୍ଧତାର ଅପରିସୀମ ଶକ୍ତିର ବାର୍ତ୍ତା ଦିଏ। ସମସ୍ତେ ଏକାଠି ହେଲେ କଠିନରୁ କଠିନ କାର୍ଯ୍ୟ ମଧ୍ୟ ସଫଳ ହୋଇପାରେ। ପ୍ରକୃତରେ, ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ହେଉଛି ଆସ୍ଥାର ଅଦ୍ୱିତୀୟ ଉତ୍ସବ, ଭକ୍ତିର ମହାସାଗର, ସମତାର ଜୀବନ୍ତ ପ୍ରତୀକ ଓ ମାନବତାର ଅମର ବାର୍ତ୍ତା। ଏହି ମହାପର୍ବ ଆମକୁ ଶିଖାଏ ଯେ, ଭଗବାନଙ୍କ ନିକଟରେ ସମସ୍ତେ ସମାନ ଏବଂ ପ୍ରେମ, ସେବା ଓ ସମର୍ପଣ ହିଁ ପ୍ରକୃତ ଧର୍ମ। ଯୁଗ ଯୁଗ ଧରି ଏହି ଦିବ୍ୟ ଯାତ୍ରା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅତୁଟ ବନ୍ଧନର ସେତୁ ସୃଷ୍ଟି କରିଆସିଛି। ତେବେ, ଆମେ ସମସ୍ତେ ମହାପ୍ରଭୁଙ୍କ ଏହି ଚିରନ୍ତନ ବାର୍ତ୍ତାକୁ ହୃଦୟଙ୍ଗମ କରି ଏକ ସମତାମୂଳକ, ସହୃଦୟ ଓ ମାନବିକ ସମାଜ ଗଠନରେ ନିଜକୁ ସମର୍ପିତ କରିବା। ସେହି ଲୀଳାମୟ ଜଗନ୍ନାଥଙ୍କ ନିକଟରେ ନିଜକୁ ହଜେଇ ଦେବା ।

# ସତର୍କ ଓଡ଼ିଶା: କୋଭିଡ୍ ସଂକ୍ରମଣର ମୁକାବିଲା ପାଇଁ ଜରୁରୀ ପଦକ୍ଷେପ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଆନ୍ଧ୍ରପ୍ରଦେଶରେ କୋଭିଡ୍-୧୯ ସଂକ୍ରମଣର ହଠାତ୍ ବୃଦ୍ଧି ଏବଂ ସନ୍ଦିଗ୍ଧ ମୃତ୍ୟୁ ଘଟଣା ସାରା ଓଡ଼ିଶା ପାଇଁ ଏକ ଗମ୍ଭୀର ସତର୍କ ଘଣ୍ଟି ବଜାଇ ଦେଇଛି, ବିଶେଷକରି ଯେତେବେଳେ ପବିତ୍ର ରଥଯାତ୍ରା ଆରମ୍ଭ ହୋଇଯାଇଛି, ଏହି ମୁହୂର୍ତ୍ତରେ କୌଣସି ପ୍ରକାର ଅବହେଳା କ୍ଷମଣୀୟ ନୁହେଁ ଏବଂ ପ୍ରତ୍ୟେକ ନାଗରିକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସତର୍କ ରହିବାକୁ ପଡ଼ିବ, ଆନ୍ଧ୍ରପ୍ରଦେଶର କାଡ଼ପା ଓ ଅନ୍ୟାନ୍ୟ ଜିଲ୍ଲାରୁ ଆସୁଥିବା ସଂକ୍ରମଣର ଖବର ଓଡ଼ିଶାର ସୀମାନ୍ତ ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନବରଙ୍ଗପୁର ପାଇଁ ବଡ଼ ବିପଦ ସୃଷ୍ଟି କରିଛି, ପ୍ରଶାସନ ପକ୍ଷରୁ ସୀମାନ୍ତରେ କଡ଼ା ନଜର ରଖାଯାଇଥିଲେ ମଧ୍ୟ ବ୍ୟକ୍ତିଗତ ସଚେତନତା ଏବେ ସର୍ବାଧିକ ଆବଶ୍ୟକ, ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକଙ୍କ ସ୍ପଷ୍ଟ ଚେତାବନୀ ଅନୁଯାୟୀ, ଓଡ଼ିଶାରେ ସଂକ୍ରମଣକୁ ପ୍ରବେଶ କରିବାକୁ ନଦେବା ପାଇଁ ସର୍ଭିଲାନ୍ସ ବ୍ୟବସ୍ଥାକୁ ଅଧିକ କଠୋର କରାଯାଇଛି, ରଥଯାତ୍ରା ସମୟରେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ, ଯଦି ଆମେ ଏବେଠାରୁ ମାସ୍କ ବ୍ୟବହାର, ସାମାଜିକ ଦୂରତା ଏବଂ ହାତ ଧୋଇବା ପରି ସ୍ୱାସ୍ଥ୍ୟ ନିୟମକୁ ଅକ୍ଷରେ ଅକ୍ଷରେ ପାଳନ ନକରିବା, ତେବେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଆଶଙ୍କା ରହିଛି, କୋଭିଡ୍ ଭୂତାଣୁ ଯେପରି ରୂପ ବଦଳାଇ ପୁଣି ଫେରିଛି, ତାହାକୁ ଦୃଷ୍ଟିରେ ରଖି କୌଣସି ବି ଲକ୍ଷଣ ଦେଖାଦେଲେ ତୁରନ୍ତ କୋଭିଡ୍ ପରୀକ୍ଷା କରିବାକୁ ବାଧ୍ୟତାମୂଳକ ଭାବେ ଗ୍ରହଣ କରିବାକୁ ହେବ, ହସ୍ପିଟାଲଗୁଡ଼ିକରେ ଆଇସୋଲେସନ୍ ୱାର୍ଡ଼ ଓ ଅକ୍ସିଜେନ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି, କିନ୍ତୁ କେବଳ ସରକାରୀ ପ୍ରସ୍ତୁତି ଯଥେଷ୍ଟ ନୁହେଁ, ପ୍ରତ୍ୟେକ ଭକ୍ତ ଓ ନାଗରିକ ଏହି ସଂକଟ ସମୟରେ ଅଧିକ ସତର୍କ ଓ ଦାୟିତ୍ୱବାନ ହେବା ଉଚିତ, ରଥଯାତ୍ରା ପରି ମହାନ ପର୍ବର ଆନନ୍ଦକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ କୋଭିଡ୍ କଟକଣାକୁ ପାଳନ କରିବା ସହ ଭିଡ଼ ଏଡ଼ାଇବା ପାଇଁ ସ୍ୱତଃପ୍ରବୃତ୍ତ ଭାବେ ପ୍ରୟାସ କରିବାକୁ ହେବ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାରୁ ଦୂରେଇ ରହିବା ସହ ସମସ୍ତ ସରକାରୀ ଗାଇଡ୍ ଲାଇନକୁ ମାନିବା ହିଁ ଏବେ ଏକମାତ୍ର ଉପାୟ, ଆନ୍ଧ୍ରପ୍ରଦେଶର ସ୍ଥିତିକୁ ଦେଖିଲେ ମନେହୁଏ ଯେ ଆମକୁ କୋଭିଡ୍ ଲଢ଼େଇରେ ଆଉଥରେ ଶୃଙ୍ଖଳିତ ହେବାକୁ ପଡ଼ିବ, ଗୁଜବରୁ ଦୂରେଇ ରହି କେବଳ ସରକାରୀ ଓ ପ୍ରାଧିକୃତ ସୂଚନାକୁ ଭରସା କରନ୍ତୁ, ରଥଯାତ୍ରା ୨୦୨୬ ଆମ ପାଇଁ ଏକ ପରୀକ୍ଷା, ଯେଉଁଠାରେ ଆମର ସ୍ୱାସ୍ଥ୍ୟ ସୁରକ୍ଷା ଓ ଶ୍ରଦ୍ଧା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ, ସାମାନ୍ୟ ଅବହେଳା ମଧ୍ୟ ବିପଦକୁ ଆମନ୍ତ୍ରଣ କରିପାରେ, ତେଣୁ ସତର୍କତା ହିଁ ଆମର ଏକମାତ୍ର ସୁରକ୍ଷା କବଚ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶା ଏହି ସମ୍ଭାବ୍ୟ ମହାମାରୀରୁ ମୁକ୍ତ ରହୁ, କିନ୍ତୁ ସେହି ଆଶୀର୍ବାଦ ପ୍ରାପ୍ତ ହେବା ପାଇଁ ଆମକୁ ନିଜର ଦାୟିତ୍ୱ ନିଭାଇବାକୁ ପଡ଼ିବ, ଏହି ସଙ୍କଟ ସମୟରେ ସମସ୍ତଙ୍କ ସହଯୋଗ ଆବଶ୍ୟକ, ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ନିୟମ ପାଳନ କରନ୍ତୁ, ରଥଯାତ୍ରାର ପବିତ୍ରତା ରକ୍ଷା କରିବା ଓ ନିଜ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନେବାରେ ପଛଘୁଞ୍ଚା ଦିଅନ୍ତୁ ନାହିଁ, ଜୟ ଜଗନ୍ନାଥ !

# ବିଶ୍ୱାସର ଭଙ୍ଗା ସେତୁ: ବିବାହ ବାହାର ସମ୍ପର୍କ, ପାରିବାରିକ ସଙ୍କଟ ଓ ସମାଜର ନିରବ ବେଦନା



ସୌଜନ୍ୟ କୁମାର ପରିଡା
ବାରୁଅ, କେନ୍ଦ୍ରାପଡ଼ା
ମୋ-୮୨୪୯୯୪୩୨୪୭

ବିବାହ ବାହାର ସମ୍ପର୍କ, ପାରିବାରିକ ଦୂରତା ଓ ବଢୁଥିବା ଅପରାଧ ଉପରେ ଏକ ସାମାଜିକ-ମନସ୍ତାତ୍ତ୍ୱିକ ଦୃଷ୍ଟିପାତ-'ବିଶ୍ୱାସ ଭାଙ୍ଗିବାର ଶବ୍ଦ କାନରେ ଶୁଣାଯାଏ ନାହିଁ, କିନ୍ତୁ ତାହାର ପ୍ରତିଧ୍ୱନି ଅନେକ ପରିବାରର ନିରବତାରେ ବର୍ଷ ବର୍ଷ ଧରି ଗୁଞ୍ଜରିତ ହୁଏ। ପ୍ରେମ ଯେତେବେଳେ ଦାୟିତ୍ୱକୁ ଭୁଲିଯାଏ, ସେତେବେଳେ ଆଘାତ ପାଏ କେବଳ ଦୁଇଟି ହୃଦୟ ନୁହେଁ; ଆଘାତ ପାଏ ଗୋଟିଏ ପରିବାର, ଗୋଟିଏ ଶିଶୁର ଭବିଷ୍ୟତ ଓ ସମଗ୍ର ସମାଜ।' ସମାଜର ମୂଳଦୁଆ ହେଉଛି ପରିବାର, ଆଉ ପରିବାରର ମୂଳଦୁଆ ହେଉଛି ବିଶ୍ୱାସ। ଘର କେବଳ ଇଟା, ବାଲି ଓ ସିମେଣ୍ଟରେ ତିଆରି ହୁଏ ନାହିଁ; ଏହା ଗଢ଼ିଉଠେ ସ୍ନେହ, ସମ୍ମାନ, ସହଯୋଗ ଓ ପରସ୍ପର ପ୍ରତି ଆସ୍ଥା ଉପରେ। କିନ୍ତୁ ଆଜିର ଆଧୁନିକ ସମୟରେ ଆମେ ଏମିତି ଏକ ସାମାଜିକ ପରିବର୍ତ୍ତନର ସାକ୍ଷୀ, ଯେଉଁଠାରେ ପରିବାରର ଭିତ୍ତି ଧୀରେ ଧୀରେ ଦୁର୍ବଳ ହେଉଛି। ପ୍ରତିଦିନର ଖବରକାଗଜରେ ପାରିବାରିକ ବିବାଦ, ବିବାହ ବାହାର ସମ୍ପର୍କକୁ କେନ୍ଦ୍ର କରି ହିଂସା, ଆତ୍ମହତ୍ୟା, ହତ୍ୟା କିମ୍ବା ଅନ୍ୟାନ୍ୟ ଦୁଃଖଦ ଘଟଣା ସମାଜକୁ ଚିନ୍ତାରେ ପକାଉଛି। ପ୍ରେମର ସଜ୍ଞା ଯେଉଁଠି ଦେହ ଓ ସ୍ୱାର୍ଥର ସୀମା ଭିତରେ ଆବଦ୍ଧ ହୋଇଯାଏ, ସେଠାରେ ସମ୍ପର୍କର ପବିତ୍ରତା ନଷ୍ଟ ହୁଏ ଏବଂ ତାହାର ପରିଣାମ ସମଗ୍ର ସମାଜକୁ ଭୋଗିବାକୁ ପଡ଼େ। ତଥାପି ଏହି ବିଷୟକୁ ସରଳୀକରଣ କରି ଦେଖିବା ଉଚିତ ନୁହେଁ। ବିବାହ ବାହାର ସମ୍ପର୍କ ନିଜେ ଏକ ଆଇନଗତ ଅପରାଧ ନହୋଇପାରେ, କିନ୍ତୁ ଏହାକୁ କେନ୍ଦ୍ର କରି ସୃଷ୍ଟି ହେଉଥିବା ସନ୍ଦେହ, ଅବିଶ୍ୱାସ, ଭାବନାତ୍ମକ ଆଘାତ, ପ୍ରତିଶୋଧର ମନୋଭାବ କିମ୍ବା ସମ୍ପତ୍ତି ବିବାଦ କେତେକ କ୍ଷେତ୍ରରେ ଗୁରୁତର ଅପରାଧକୁ ଜନ୍ମ ଦେଇପାରେ। ସେହିପାଇଁ ସମସ୍ୟାର ମୂଳ କାରଣକୁ ବୁଝିବା ଏବଂ ମଣିଷ ମନର ସୂକ୍ଷ୍ମ ଭାବନାକୁ ଅନୁଧ୍ୟାନ କରିବା ଆଜିର ସମୟରେ ସବୁଠାରୁ ଜରୁରୀ ହୋଇପଡ଼ିଛି।

ସମ୍ପର୍କର ଆଧୁନିକ ସଙ୍କଟ ଓ ମନସ୍ତାତ୍ତ୍ୱିକ ଦୂରତା- ଭାରତୀୟ ସଂସ୍କୃତିରେ ବିବାହ କେବଳ ଦୁଇଜଣ ବ୍ୟକ୍ତିଙ୍କ ମିଳନ ନୁହେଁ; ଦୁଇଟି ପରିବାରର ମିଳନ। ସେଠାରେ କେବଳ ପ୍ରେମ ନୁହେଁ, ଦାୟିତ୍ୱ, ସହନଶୀଳତା ଓ ତ୍ୟାଗ ମଧ୍ୟ ରହିଥାଏ। କିନ୍ତୁ ଆଧୁନିକ ଜୀବନର ବ୍ୟସ୍ତତା, କାର୍ଯ୍ୟଚାପ, ଆର୍ଥିକ ପ୍ରତିଯୋଗିତା, ମାନସିକ ଚାପ ଓ ପରସ୍ପର ପାଇଁ ସମୟର ଅଭାବ ଅନେକ ସମ୍ପର୍କକୁ ଦୁର୍ବଳ କରୁଛି। ଏହି ଦୂରତା କେବେ କେବେ ଭୁଲ ବୁଝାବୁଝି ଓ ଭାବନାତ୍ମକ ବିଚ୍ଛିନ୍ନତାକୁ ବଢ଼ାଇଦିଏ। ଆଜି ମୋବାଇଲ ଫୋନ ଓ ସୋସିଆଲ ମିଡିଆ ମଣିଷକୁ ବିଶ୍ୱ ସହ ଯୋଡ଼ିଛି, କିନ୍ତୁ କେତେକ ପରିବାର ଭିତରେ ଦୂରତା ମଧ୍ୟ ସୃଷ୍ଟି କରିଛି। ଅନଲାଇନରେ ଅଜଣା ଲୋକଙ୍କ ସହ କଥାବାର୍ତ୍ତା ବଢୁଛି, କିନ୍ତୁ ଘର ଭିତରେ ପରସ୍ପର ସଂଳାପ କମିଯାଉଛି। ତେବେ ଏହାର ଅର୍ଥ ନୁହେଁ ଯେ ପ୍ରଯୁକ୍ତି ଦୋଷୀ। ପ୍ରଯୁକ୍ତି ଏକ ସାଧନ; ତାହାର ବ୍ୟବହାର କିପରି କରାଯିବ, ତାହା ମଣିଷର ବିବେକ ଉପରେ ନିର୍ଭର କରେ। ଯେତେବେଳେ ଘରର ଚାରିକାନ୍ଥ ଭିତରେ ସଂଳାପ ବନ୍ଦ ହୋଇଯାଏ, ସେତେବେଳେ ବାହାର ଦୁନିଆର ମରୀଚିକା ମଣିଷକୁ ଆକର୍ଷିତ କରେ, ଯାହା ପରବର୍ତ୍ତୀ ସମୟରେ ବିପର୍ଯ୍ୟୟର କାରଣ ସାଜେ।

ପ୍ରେମରେ ସ୍ତ୍ରୀର ସ୍ଥାନ: ଦେହର ଊର୍ଦ୍ଧ୍ୱରେ ମନର ଯାତ୍ରା-ଏହି ସାମାଜିକ ସଙ୍କଟର ସମାଧାନ ଖୋଜିବାକୁ ହେଲେ ଆମକୁ ସମ୍ପର୍କର ସେହି ଆଧ୍ୟାତ୍ମିକ ଓ ମନସ୍ତାତ୍ତ୍ୱିକ ଦିଗକୁ ବୁଝିବାକୁ ହେବ, ଯେଉଁଠି ପ୍ରେମର ପ୍ରକୃତ ସ୍ୱରୂପ ଲୁଚି ରହିଛି। ବିଶେଷ କରି ଜଣେ ନାରୀ ବା ସ୍ତ୍ରୀର ମାନସିକତାକୁ ବୁଝିବା ଏକ ସୁସ୍ଥ ଦାମ୍ପତ୍ୟ ଜୀବନ ପାଇଁ ଅତ୍ୟନ୍ତ ଆବଶ୍ୟକ। ପ୍ରେମରେ ସ୍ତ୍ରୀ ଦେହ ପୂର୍ବରୁ ନିଜ ମନର ଦ୍ୱାର ଖୋଲିଥାଏ। କାରଣ ସେ ଜାଣେ, ଦେହ ପର୍ଯ୍ୟନ୍ତ ପହଞ୍ଚୁଥିବା ପଥ ଅସଂଖ୍ୟ ହୋଇପାରେ, କିନ୍ତୁ ମନ ପର୍ଯ୍ୟନ୍ତ ପହଞ୍ଚିବାର ମାର୍ଗ କେବଳ ବିଶ୍ୱାସରେ ହିଁ ତିଆରି ହୁଏ। ସେ ଚାହେଁ, ପୁରୁଷ ପ୍ରଥମେ ତା' ଆଖିରେ ଅଟକିଯାଉ, ତା'ପରେ ତା'ର ନୀରବତାରେ, ତା'ପରେ ସେହି ଅକୁହା ଶବ୍ଦଗୁଡ଼ିକରେ, ଯାହା ବର୍ଷ ବର୍ଷ ଧରି ତା' ଭିତରେ ଦୀପର ଶିଖା ଭଳି ମୌନ ହୋଇ ଜଳୁଛି। ସ୍ତ୍ରୀର ମନ କୌଣସି ଭୂଗୋଳର ସରଳ ମାନଚିତ୍ର ନୁହେଁ, ତାହା ହିମାଳୟର ଉପତ୍ୟକା ବି, ଥର ମରୁଭୂମି ବି, ଭାଗୀରଥୀର ନିର୍ମଳ ଉଦ୍‌ଗମ ବି, ଏବଂ ସମୁଦ୍ରରେ ପହଞ୍ଚିବାକୁ ବ୍ୟାକୁଳ ଏକ ନିରନ୍ତର ଗଙ୍ଗା ବି। ଯେଉଁ ପୁରୁଷ ଏହି ସବୁ ଋତୁକୁ ପଢ଼ିନିଏ, ସିଏ ହିଁ ତା' ପ୍ରେମର ସତ୍ୟ ଯାତ୍ରୀ ବନିଥାଏ। ସେ ଚାହେଁ, ତା'ର ପ୍ରିୟ ତା' ପିଠିରେ ଶବ୍ଦ ନୁହେଁ, ବିଶ୍ୱାସ ଲେଖୁ ଠିକ୍ ସେମିତି, ଯେମିତି କୌଣସି ଋଷି ଭୋଜପତ୍ର ଉପରେ ପ୍ରଥମ ମନ୍ତ୍ର ଅଙ୍କିତ କରନ୍ତି। ସେହି କବିତା କାଳିରେ ନୁହେଁ, ପ୍ରେମରେ ଲେଖାଯାଉ, ଯାହାକୁ ଚର୍ମ ନୁହେଁ, ଆତ୍ମା ପଢୁ। ଯେତେବେଳେ ଏମିତି ହୁଏ, ତେବେ ସ୍ତ୍ରୀର ଆଖିପତାରେ ଶରତ ପୂର୍ଣ୍ଣିମା ଓହ୍ଲାଇ ଆସେ। ତା' ନିଶ୍ୱାସରେ ଗଙ୍ଗଶିଉଳିର ମହକ ଭରିଯାଏ, ଏବଂ ତା'ର ମୌନ କୌଣସି ପ୍ରାଚୀନ ମନ୍ଦିରରେ ଗୁଞ୍ଜରିତ ଶଙ୍ଖନାଦ ଭଳି ପବିତ୍ର ହୋଇଉଠେ। ତେବେ ତାକୁ ଲାଗେ, ପୁରୁଷ ତା' ନିକଟକୁ ଆସିନାହିଁ, ସିଏ ତ ତା' ମନ ଭିତରକୁ ସେମିତି ଓହ୍ଲାଇ ଯାଇଛି, ଯେମିତି ଶିବଙ୍କ ଜଟାରେ ଗଙ୍ଗା ଓହ୍ଲାଇଥିଲେ—ବେଗ ନେଇ, କିନ୍ତୁ ବିନମ୍ରତା ସହିତ। ଅନେକ ସମୟରେ ପୁରୁଷ ଏହି ମନସ୍ତାତ୍ତ୍ୱିକ ଗଭୀରତାକୁ ବୁଝିବାରେ ବିଫଳ ହୁଏ। ସେ ପ୍ରେମକୁ କେବଳ ଏକ ଦୈହିକ ଅଧିକାର କିମ୍ବା ସାମାଜିକ ଚୁକ୍ତି ଭାବେ ଦେଖେ। ଯେତେବେଳେ ସ୍ତ୍ରୀ ନିଜ ଘର ଭିତରେ ଏହି ଭାବନାତ୍ମକ ସମ୍ପର୍କର ଶୂନ୍ୟତା ଅନୁଭବ କରେ, ସେତେବେଳେ ସମ୍ପର୍କର ସେହି ଦେହଳୀରେ ଫାଟ ସୃଷ୍ଟି ହୁଏ।

ଭଙ୍ଗା ସମ୍ପର୍କର ସବୁଠାରୁ ବଡ଼ ମୂଲ୍ୟ: ନିରୀହ ଶିଶୁର ଲୁହ- ପରିବାରରେ ସମ୍ପର୍କ ଭାଙ୍ଗିଲେ କେବଳ ସ୍ୱାମୀ-ସ୍ତ୍ରୀ ଅଲଗା ହୁଅନ୍ତି ନାହିଁ, ସବୁଠାରୁ ଅଧିକ କ୍ଷତି ହୁଏ ଶିଶୁମାନଙ୍କର। ସେମାନେ କୌଣସି ବିବାଦର କାରଣ ନୁହନ୍ତି, କିନ୍ତୁ ତାହାର ସବୁଠାରୁ ବଡ଼ ମୂଲ୍ୟ ଦିଅନ୍ତି। ପିତାମାତାଙ୍କ ମଧ୍ୟରେ କଳହ, ବିଚ୍ଛେଦ କିମ୍ବା ହିଂସା ସେମାନଙ୍କ ମନରେ ଅସୁରକ୍ଷାବୋଧ, ଭୟ ଓ ଅବସାଦ ସୃଷ୍ଟି କରିପାରେ। ଅନେକ ସମୟରେ ସେମାନଙ୍କ ପାଠପଢ଼ା, ସାମାଜିକ ବ୍ୟବହାର ଓ ଭବିଷ୍ୟତ ସମ୍ପର୍କ ଉପରେ ମଧ୍ୟ ଏହାର ଦୀର୍ଘସ୍ଥାୟୀ ନକାରାତ୍ମକ ପ୍ରଭାବ ପଡ଼େ। ଗୋଟିଏ ଶିଶୁ ଯେତେବେଳେ ନିଜ ଘର ଭିତରେ ବିଶ୍ୱାସଘାତକତା ଓ ହିଂସାର ପରିବେଶ ଦେଖେ, ସେତେବେଳେ ସମଗ୍ର ସମାଜ ପ୍ରତି ତାର ଦୃଷ୍ଟିକୋଣ ବଦଳିଯାଏ। ଏହିପରି ଭାବେ ଏକ ଭଙ୍ଗା ପରିବାର ଆଗାମୀ ପିଢ଼ିକୁ ମଧ୍ୟ ଏକ ଅସୁସ୍ଥ ମାନସିକତା ଉପହାର ଦିଏ।

ଅପରାଧର ଚେହେରା ଓ ସାମାଜିକ ଦାୟିତ୍ୱବୋଧ- ସମ୍ବାଦମାଧ୍ୟମରେ ଆମେ ପ୍ରାୟତଃ ଏପରି ଘଟଣା ଦେଖୁଛୁ, ଯେଉଁଠାରେ ବିବାହ ବାହାର ସମ୍ପର୍କର ସନ୍ଦେହ କିମ୍ବା ଭାଙ୍ଗିଥିବା ସମ୍ପର୍କକୁ କେନ୍ଦ୍ର କରି ଗୁରୁତର ଅପରାଧ ଘଟିଛି। କିନ୍ତୁ ପ୍ରତ୍ୟେକ ଘଟଣାର ପଛରେ ଭିନ୍ନ ଭିନ୍ନ ସାମାଜିକ, ମାନସିକ ଓ ବ୍ୟକ୍ତିଗତ କାରଣ ରହିଥାଏ। ସେହିପାଇଁ କୌଣସି ଏକ ଲିଙ୍ଗ, ବର୍ଗ କିମ୍ବା ସମ୍ପର୍କକୁ ସାମୂହିକ ଭାବରେ ଦୋଷାରୋପ କରିବା ଉଚିତ ନୁହେଁ। ପୁରୁଷ କିମ୍ବା ନାରୀକୁ କେବଳ କାଠଗଡ଼ାରେ ଠିଆ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ସମାଜର ଦାୟିତ୍ୱ ହେଉଛି ସମସ୍ୟାକୁ ବୁଝିବା, ନୁହେଁ କେବଳ ନିନ୍ଦା କରିବା। ମଣିଷର ଜୀବନରେ ମତଭେଦ ଆସିବା ସ୍ୱାଭାବିକ। କୌଣସି ସମ୍ପର୍କ ସବୁବେଳେ ସମାନ ରହେ ନାହିଁ। କିନ୍ତୁ ମତଭେଦକୁ ହିଂସାରେ ପରିଣତ କରିବା କେବେ ମଧ୍ୟ ସମାଧାନ ନୁହେଁ। ଖୋଲା ଆଲୋଚନା, ପରସ୍ପର ସମ୍ମାନ, ପାରିବାରିକ ପରାମର୍ଶ, ମନୋବିଜ୍ଞାନୀଙ୍କ ସହାୟତା ଓ ଆବଶ୍ୟକ ହେଲେ ଆଇନସମ୍ମତ ପଥ—ଏହି ସବୁ ଏକ ସଭ୍ୟ ସମାଜର ବିକଳ୍ପ। ରାଗରେ ନିଆଯାଇଥିବା ଗୋଟିଏ ଭୁଲ ନିଷ୍ପତ୍ତି ଅନେକ ନିରୀହ ଜୀବନକୁ ଧ୍ୱଂସ କରିଦେଇପାରେ।

ଏକ ସୁସ୍ଥ ବିକଳ୍ପର ସନ୍ଧାନ: ନୈତିକ ଶିକ୍ଷା ଓ ଗଣମାଧ୍ୟମର ଭୂମିକା-ଆଜି ସମାଜରେ ନୈତିକ ଶିକ୍ଷାର ଆବଶ୍ୟକତା ପୂର୍ବ ଅପେକ୍ଷା ଅଧିକ। ଶିଶୁମାନଙ୍କୁ କେବଳ ପ୍ରତିଯୋଗିତାରେ ଜିତିବା ନୁହେଁ, ସମ୍ପର୍କର ମୂଲ୍ୟ, ସହାନୁଭୂତି, ସଂଳାପ ଓ ଦାୟିତ୍ୱବୋଧର ଶିକ୍ଷା ଦେବା ଆବଶ୍ୟକ। ଶିକ୍ଷାନୁଷ୍ଠାନ, ପରିବାର ଓ ସମାଜ ମିଶି ଯଦି ଏହି ମୂଲ୍ୟବୋଧକୁ ସୁଦୃଢ଼ କରନ୍ତି, ତେବେ ଅନେକ ପାରିବାରିକ ସମସ୍ୟା ଅପରାଧରେ ପରିଣତ ହେବା ପୂର୍ବରୁ ରୋକାଯାଇପାରିବ। ଏଠାରେ ଗଣମାଧ୍ୟମର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପାରିବାରିକ ବିବାଦ ଓ ଅପରାଧକୁ ନେଇ ସନସନି (Sensationalism) ସୃଷ୍ଟି କରିବା ଅପେକ୍ଷା ସଚେତନତା ସୃଷ୍ଟି କରିବା ଅଧିକ ଆବଶ୍ୟକ। ପ୍ରତ୍ୟେକ ଘଟଣାର ଖବର ପଛରେ ଗୋଟିଏ ପରିବାରର ବେଦନା ଲୁଚିଥାଏ। ତେଣୁ ଆମର ଆଲୋଚନାର କେନ୍ଦ୍ରବିନ୍ଦୁ ହେବା ଉଚିତ ସମାଧାନ, ସହାନୁଭୂତି ଓ ସାମାଜିକ ଦାୟିତ୍ୱ।

ଉପସଂହାର: ବିଶ୍ୱାସର ଶାଶ୍ୱତ ମିଳନ-ପ୍ରେମର ସବୁଠାରୁ ସୁନ୍ଦର ପ୍ରଣୟ ହେଉଛି ସେଇଟି, ଯେଉଁଠି କେହି କାହାର ଅଧିକାର ସାଜେନାହିଁ, ବରଂ ପରସ୍ପରର ଆଶ୍ରୟ ପାଲଟିଯାଆନ୍ତି। ଯେଉଁଠି ସ୍ତ୍ରୀ ନିଜ ମନକୁ କୌଣସି ତାଲା ଭଳି ନୁହେଁ, କୌଣସି ମନ୍ଦିରର ଗର୍ଭଗୃହ ଭଳି ଖୋଲିଥାଏ—ଧୀରେ ଧୀରେ, ଶ୍ରଦ୍ଧାର ସହ, ପୂର୍ଣ୍ଣ ବିଶ୍ୱାସ ସହିତ। ଏବଂ ଯେତେବେଳେ ପୁରୁଷ ସେହି ବିଶ୍ୱାସର ଦେହଳୀରେ ନିଜର ଅହଂକାରକୁ ଓହ୍ଲାଇଦିଏ, ତେବେ ଯାଇ ପ୍ରେମ ଦୁଇଟି ହୃଦୟର ଏମିତି ସଙ୍ଗମ ପାଲଟେ, ଯେମିତି ଭାଗୀରଥୀ ଏବଂ ଅଳକାନନ୍ଦା ଦେବପ୍ରୟାଗରେ ମିଶି ନିଜର ପୃଥକ ଅସ୍ତିତ୍ୱ ହରାନ୍ତି ନାହିଁ, ବରଂ 'ଗଙ୍ଗା' ନାମକ ଏକ ନୂଆ ପବିତ୍ର ଯାତ୍ରାର ନାମ ପାଆନ୍ତି। ତେବେ ସ୍ତ୍ରୀ ବୁଝିଯାଏ ଯିଏ ତା' ମନରେ ଘର କରିନେଲା, ତାକୁ ଆଉ ଅନ୍ୟ କୌଣସି ପ୍ରମାଣର ଆବଶ୍ୟକତା ନାହିଁ। କାରଣ ପ୍ରେମରେ ସବୁଠାରୁ ପୂର୍ବରୁ ମନର ଦ୍ୱାର ଖୋଲେ, ଏବଂ ତା'ରି ପରେ ଦୁଇଟି ଆତ୍ମା ପରସ୍ପର ଭିତରେ ନିଜର ଶାଶ୍ୱତ ଘର ଖୋଜିନିଅନ୍ତି। ପ୍ରେମର ପ୍ରକୃତ ଅର୍ଥ ହେଉଛି ବିଶ୍ୱାସ, ସମ୍ମାନ ଓ ଦାୟିତ୍ୱ। ସମ୍ପର୍କରେ ମତଭେଦ ହୋଇପାରେ, ମନୋମାଳିନ୍ୟ ହୋଇପାରେ, କିନ୍ତୁ ଭାବନା ଶେଷ ହୋଇଯିବା ଉଚିତ ନୁହେଁ। କାରଣ ସଂଳାପ ବନ୍ଦ ହେଲେ ସନ୍ଦେହ ଜନ୍ମ ନିଏ, ସନ୍ଦେହରୁ ଦୂରତା ଓ ଦୂରତାରୁ ଅନେକ ସମୟରେ ଏମିତି ନିଷ୍ପତ୍ତି ଆସେ, ଯାହା ପାଇଁ ସାରା ଜୀବନ ଅନୁତାପ କରିବାକୁ ପଡ଼େ। ଶେଷରେ କହିବାକୁ ଚାହେଁ, ଆମ ସମାଜକୁ ଦୋଷାରୋପର ନୁହେଁ, ବରଂ ବୁଝାମଣାର ସଂସ୍କୃତି ଦରକାର; ପ୍ରତିଶୋଧର ନୁହେଁ, ନୈତିକ ପଥ ଦରକାର; ହିଂସାର ନୁହେଁ, ଆଇନ ଓ ମାନବିକତାର ଆଶ୍ରୟ ଦରକାର। ସୁସ୍ଥ ପରିବାର ହିଁ ସୁସ୍ଥ ସମାଜର ଭିତ୍ତି। ସମ୍ପର୍କକୁ ବଞ୍ଚାଇବା ସମ୍ଭବ ନହେଲେ ମଧ୍ୟ ମାନବିକତାକୁ ବଞ୍ଚାଇ ରଖିବା ସବୁବେଳେ ସମ୍ଭବ। ସେହି ମାନବିକତା ଓ ପରସ୍ପର ପ୍ରତି ସମ୍ମାନ ହିଁ ଏକ ସଭ୍ୟ ସମାଜର ସବୁଠାରୁ ବଡ଼ ପରିଚୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶିଷ ରାୟ

# ୱେଷ୍ଟଇଣ୍ଡିଜ୍‌କୁ ୧ ୱିକେଟ୍‌ରେ ହରାଇଲା ନ୍ୟୁଜିଲାଣ୍ଡ

**ବାର୍ବାଡୋସ୍**

ସ୍ଥାନୀୟ ବ୍ରିଜ୍‌ଟାଉନ୍‌ଠାରେ ଖେଳାଯାଇଥିବା ୪ର୍ଥ ଦିନିକିଆରେ ୱେଷ୍ଟଇଣ୍ଡିଜ୍‌କୁ ୧ ୱିକେଟ୍‌ରେ ପରାସ୍ତ କରିଛି ଭ୍ରମଣକାରୀ ନ୍ୟୁଜିଲାଣ୍ଡ। ଏହି ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୩-୧ରେ ଆଗୁଆ ହୋଇଯାଇଛି ନ୍ୟୁଜିଲାଣ୍ଡ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪.୪ ଓଭରରେ ମାତ୍ର ୧୮୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅମୀର ଜାଙ୍ଗୁ ଅର୍ଦ୍ଧଶତକ ଅର୍ଜନ କରିଥିବାବେଳେ ଗୁଡ଼ାକେଶ ମୋତି ୪୧ ରନ୍ ଓ ଆକିମ୍ ଅଗଷ୍ଟି ୩୩ ରନ୍‌ର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାଥ୍ୟୁ ଫିସର ୩ ୱିକେଟ୍ ନେଇଥିବାବେଳେ ମାଇକେଲ୍ ବ୍ରେସ୍‌ୱେଲ୍ ଓ ମିଚେଲ୍ ସାଣ୍ଟନର ୨ ଲେଖାଏଁ ୱିକେଟ୍ ନେଇଥିଲେ। ୧୮୯ ରନ୍‌ର ଲକ୍ଷ୍ୟ ଛୋଟିଆ ମନହେଉଥିଲେ ବି ତାହାକୁ ହାସଲ କରିବା ନ୍ୟୁଜିଲାଣ୍ଡ ପାଇଁ ଆଦୌ ସହଜ ହୋଇ ନଥିଲା। ଖାତା ଖୋଲିବା ପୂର୍ବରୁ ଦଳ ନିଜର ପ୍ରଥମ ୱିକେଟ୍ ହରାଇଥିଲା ଓ ୬ ରନ୍‌ରେ ଦ୍ୱିତୀୟ ୱିକେଟ୍ ହରାଇଥିଲା। ଦଳୀୟ ସ୍କୋର ୪୬ ରନ୍ ବେଳେ ତୃତୀୟ ୱିକେଟ୍‌ର ପତନ ହୋଇଥିଲା। ତେବେ ମାର୍କ ଚାପ୍‌ମାନ ୮୦ ରନ୍‌ର ଲଢୁଆ ପାଳି ଖେଳି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ସେ ମାଇକେଲ୍ ବ୍ରେସ୍‌ୱେଲ୍ ଓ ମିଚେଲ୍ ସାଣ୍ଟନରଙ୍କ ସହ ଦୁଇଟି ଉପଯୋଗୀ ଭାଗୀଦାର କରି ବିଜୟ ସମ୍ଭାବନା ଉଜ୍ଜଳ କରିଥିଲେ। କିନ୍ତୁ ବ୍ରେସ୍‌ୱେଲ୍ (୩୨ ରନ୍) ଆଉଟ୍ ହେବା ପରେ ଦଳ ପୁଣି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୧୮୦ ରନ୍ ବେଳକୁ ୯ ୱିକେଟ୍ ହରାଇସାରିଥିଲା। ବିଜୟ ପାଇଁ ଆହୁରି ୯ ରନ୍ ଥିବାବେଳେ ହାତରେ ମାତ୍ର ଗୋଟିଏ ୱିକେଟ୍ ଥିଲା। ତେବେ ସାଣ୍ଟନର ଅପରାଜିତ ୩୪ ରନ୍ କରି ଦଳ ପାଇଁ ରୋମାଞ୍ଚକର ବିଜୟ ଆଣିଦେଇଥିଲେ।



# ଅବସର ଖବରକୁ ନେଇ ଆସିଲା ରୋହିତ ଶର୍ମାଙ୍କ ପ୍ରଥମ ପ୍ରତିକ୍ରିୟା

**ଲର୍ଡ୍‌ସ**

ଲର୍ଡସ କ୍ରିକେଟ୍ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ଇଂଲଣ୍ଡ ଠାରୁ ୨୭ ରନରେ ପରାଜିତ ହୋଇଛି। ତେବେ ଏହି ମ୍ୟାଚ୍‌ରେ ରୋହିତ ଶର୍ମା ଚମତ୍କାର ଫର୍ମରେ ନଜର ଆସିଥିଲେ ଏବଂ ସେ ୧୩୮ ରନର ଏକ ଦମ୍‌ଦାର ଇନିଂସ ଖେଳିଥିଲେ। ମ୍ୟାଚ୍ ପରେ ରୋହିତ ନିଜ ଅବସରକୁ ନେଇ ଚାଲିଥିବା ସମସ୍ତ ଗୁଜବକୁ ଖଣ୍ଡନ କରିଛନ୍ତି। ରୋହିତ କହିଛନ୍ତି ଯେ ବାହାରର ଚର୍ଚ୍ଚା ତାଙ୍କୁ ଦଳର ସଫଳତାରେ ସହଯୋଗ କରିବାରୁ କେବେହେଲେ ଅଟକାଇ ପାରିନାହିଁ। ନିଜ ସମ୍ପୂର୍ଣ୍ଣ କ୍ୟାରିୟର ମଧ୍ୟରେ କ୍ରମାଗତ ଭାବେ ହେଉଥିବା ସମାଲୋଚନା ଉପରେ ମତ ଦେଇ ରୋହିତ ସ୍ପଷ୍ଟ କରିଛନ୍ତି ଯେ, ଭବିଷ୍ୟତକୁ ନେଇ ଚାଲିଥିବା ଆଲୋଚନା ସତ୍ତ୍ୱେ ତାଙ୍କର ଧ୍ୟାନ ଲକ୍ଷ୍ୟରୁ ଦୂରେଇ ଯାଇ ନାହିଁ।

ବିସିସିଆଇ ଦ୍ୱାରା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେୟାର କରାଯାଇଥିବା ଏକ ଭିଡିଓରେ ରୋହିତ କହିଛନ୍ତି, 'ମୋର କାମ ହେଉଛି ବ୍ୟାଟ୍‌ରେ ଖେଳିବା, ପଡ଼ିଆକୁ ଓହ୍ଲାଇବା ଏବଂ ନିଜ ଦେଶ ତଥା ଦଳର ପ୍ରତିନିଧିତ୍ୱ କରିବା। ମୁଁ ଯେବେଠାରୁ ଡେବ୍ୟୁ କରିଛି, ମତେ ଏହା ହିଁ କରିବାକୁ କୁହାଯାଇଛି ଏବଂ ମୁଁ ଏହା ଜାରି ରଖିବି। ଆପଣ ଜାଣନ୍ତି, ମୁଁ ଡେବ୍ୟୁ କରିବା ଦିନଠାରୁ ବାହାରେ ଚର୍ଚ୍ଚା ଲାଗି ରହିଛି ଏବଂ ମୁଁ ଯେ ପର୍ଯ୍ୟନ୍ତ ଏଠାରେ ରହିବି, ଏହା ଚାଲିଥିବ। ସେଥିପାଇଁ ମତେ ଏଥିରେ କିଛି ବିଶେଷ ଫରକ ପଡ଼େ ନାହିଁ।'

ପୂର୍ବତନ ଭାରତୀୟ ଅଧିନାୟକ ଆହୁରି କହିଛନ୍ତି, 'ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ମୁଁ ପଡ଼ିଆ ଭିତରେ କ'ଣ କରୁଛି। ମୁଁ ଦଳର ସଫଳତାରେ ଯୋଗଦାନ ଦେବାକୁ ଚେଷ୍ଟା କରୁଛି। ଏବେ ମୋର ସମ୍ପୂର୍ଣ୍ଣ ଧ୍ୟାନ ଏହା ଉପରେ ହିଁ ଅଛି। ବାହାରର କୋଳାହଳକୁ ଚାଲିବାକୁ ଦିଅନ୍ତୁ। ଯଦି ବାହାରେ ଚର୍ଚ୍ଚା ନହେବ, ତେବେ ମଜା ଆସିବ ନାହିଁ। ମୋର କାମ ପଡ଼ିଆ ଭିତରେ, ସେମାନଙ୍କ କାମ ବାହାରେ। ମୁଁ ଏହାକୁ ଏହି ଦୃଷ୍ଟିକୋଣରୁ ଦେଖେ।'



ରୋହିତ ଦିନିକିଆ କ୍ରିକେଟରେ ଲର୍ଡସ ମଇଦାନରେ ଶତକ ହାସଲ କରିଥିବା ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। ସେ ନିଜ ଇନିଂସ ମଧ୍ୟରେ ୧୭ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ତେବେ ସେ ଭାରତୀୟ ଦଳକୁ ବିଜୟୀ କରାଇବାରେ ଅସଫଳ ରହିଥିଲେ। ରୋହିତ କହିଛନ୍ତି, 'ଫଳାଫଳକୁ ନେଇ ସାମାନ୍ୟ ନିରାଶା ରହିଛି, କାରଣ ଆମେ ବହୁତ ଭଲ କ୍ରିକେଟ୍ ଖେଳୁଥିଲୁ। ବର୍ମିଂହାମରେ ଆମର ଆରମ୍ଭ ବହୁତ ଭଲ ଥିଲା। କାର୍ଡିଫ୍‌ରେ ଆମେ ବ୍ୟାଟିଂରେ ସାମାନ୍ୟ ପଛରେ ରହିଗଲୁ ଏବଂ ଏଠାରେ ମଧ୍ୟ ଆମକୁ ଏକ ବଡ଼ ସ୍କୋରର ପିଛା କରିବାକୁ ଥିଲା। ଆମେ ବ୍ୟାଟିଂରେ ସମ୍ପୂର୍ଣ୍ଣ ଚେଷ୍ଟା କରିଥିଲୁ, କିନ୍ତୁ ତଥାପି ୨୦-୨୫ ରନ୍ ପଛରେ ରହିଗଲୁ।'

ରୋହିତ ଭାରତୀୟ ବୋଲରମାନଙ୍କୁ ସମର୍ଥନ କରି କହିଛନ୍ତି, 'ଆମ ବୋଲରମାନେ ଅଧିକ ଦିନିକିଆ କ୍ରିକେଟ୍ ଖେଳିନାହାନ୍ତି, ତେଣୁ ସେମାନଙ୍କୁ ସମୟ ଦେବାକୁ ପଡ଼ିବ। ଆଶା କରୁଛୁ, ଆମେ ଏହି ମ୍ୟାଚ୍‌ରୁ ଶିଖିବୁ ଏବଂ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରି ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବୁ।'

୩୯ ବର୍ଷୀୟ ରୋହିତ, ବିରାଟ କୋହଲିଙ୍କ ସହ ତାଙ୍କର ଦୀର୍ଘ ଦିନର ବ୍ୟାଟିଂ ଭାଗିଦାରୀ ବିଷୟରେ ମଧ୍ୟ କହିଛନ୍ତି। ରୋହିତ ଏବଂ କୋହଲି ଦିନିକିଆରେ ଏକାଠି ୮,୦୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ସେମାନେ ଦିନିକିଆ ଇତିହାସରେ ସର୍ବାଧିକ ଶତକୀୟ ଭାଗିଦାରୀ କରିଥିବା ଦ୍ୱିତୀୟ ସଫଳ ଯୋଡ଼ି। ଲର୍ଡସରେ ସେମାନେ ନିଜର ୨୧ତମ ଶତକୀୟ ଭାଗିଦାରୀ ପୂରଣ କରିଛନ୍ତି। ଯାହା ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି (୨୬)ଙ୍କ ପରେ ଦ୍ୱିତୀୟ ସ୍ଥାନରେ ରହିଛି।

କୋହଲିଙ୍କ ସମ୍ପର୍କରେ ରୋହିତ କହିଛନ୍ତି, 'ଆମେ ଆମର ସମ୍ପୂର୍ଣ୍ଣ କ୍ୟାରିୟର ଏକାଠି ଖେଳିଛୁ। ତାଙ୍କ ସହ ପଡ଼ିଆରେ ରହିବା ବହୁତ ଭଲ ଲାଗେ। ଆମେ ପରସ୍ପରକୁ ବହୁତ ଭଲ ଭାବେ ବୁଝୁ। ପଡ଼ିଆରେ ପରସ୍ପର ଭିତରେ ଚିନ୍ତାଧାରା ବାଣ୍ଟିବା ଏବଂ ଆମେ କ'ଣ କରିପାରିବା ତାହା ଆଲୋଚନା କରିବା ସବୁବେଳେ ମଜାଦାର ଥାଏ।'

# ୮୦ ସେକେଣ୍ଡରେ ପାକିସ୍ତାନ 'ଗେମ୍ ଓଭର'

## ଏସିଆ ଚାମ୍ପିଅନସିପ୍ ଜିତି ଇତିହାସ ରଚିଲେ ସଂଗ୍ରାମ ସିଂହ

**ନୂଆଦିଲ୍ଲୀ**



ଭାରତୀୟ ଏମଏମଏ (ଏମଏମଏ) ଫାଇଟର ସଂଗ୍ରାମ ସିଂହ ଆଉ ଥରେ ଅନ୍ତର୍ଜାତୀୟ ମଞ୍ଚରେ ଦେଶକୁ ଗୌରବାନ୍ୱିତ କରିଛନ୍ତି। ମାଲେସିଆରେ ଆୟୋଜିତ ଷ୍ଟ୍ରାଇକ୍ ଏସିଆ ଏମଏମଏ ଚାମ୍ପିଅନସିପ୍‌ରେ ସେ ପାକିସ୍ତାନର ମହମ୍ମଦ ଆବିଦ୍ ଅଲୀଙ୍କୁ ମାତ୍ର ୧ ମିନିଟ୍ ୨୦ ସେକେଣ୍ଡରେ ହରାଇ ଏସିଆ ଚାମ୍ପିଅନ୍ ଟାଇଟଲ୍ ନିଜ ନାମରେ କରିଛନ୍ତି। ଏହି ଚମତ୍କାର ବିଜୟ ସହିତ ସଂଗ୍ରାମ ସିଂହ କେବଳ ନିଜର ଅପରାଜେୟ ରେକର୍ଡ ବଜାୟ ରଖିନାହାନ୍ତି, ବରଂ ଷ୍ଟ୍ରାଇକ୍ ଏସିଆ ଏମଏମଏ ଚାମ୍ପିଅନ୍ ବନିବାରେ ପ୍ରଥମ ଭାରତୀୟ ଖେଳାଳି ମଧ୍ୟ ହୋଇଛନ୍ତି।

ମ୍ୟାଚ୍‌ର ଆରମ୍ଭରୁ ହିଁ ସଂଗ୍ରାମ ସିଂହ ସମ୍ପୂର୍ଣ୍ଣ ଭାବେ ପାକିସ୍ତାନୀ ଖେଳାଳି ଉପରେ ହାବି ରହିଥିଲେ। ସେ ନିଜର ଦମ୍‌ଦାର ଶକ୍ତି, ସଠିକ୍ ପଞ୍ଚ୍ ଏବଂ ଚମତ୍କାର କୌଶଳର ପ୍ରଦର୍ଶନ କରି ପାକିସ୍ତାନର ଫାଇଟରଙ୍କୁ ସମ୍ଭାଳିବାକୁ କୌଣସି ସୁଯୋଗ ଦେଇନଥିଲେ। ମ୍ୟାଚ୍ ଆରମ୍ଭର ମାତ୍ର ୮୦ ସେକେଣ୍ଡ ପରେ ସେ ନକଆଉଟ୍ ଜରିଆରେ ବିଜୟ ହାସଲ କରିଥିଲେ ଏବଂ ଏସିଆ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରଥିଲେ।

ଏହି ବିଜୟ ସହିତ ପ୍ରୋଫେସନାଲ୍ ଏମଏମଏରେ ସଂଗ୍ରାମ ସିଂହଙ୍କ ଅପରାଜେୟ ରେକର୍ଡ ମଧ୍ୟ ବଜାୟ ରହିଛି। ଏସିଆ ଚାମ୍ପିଅନଶିପ୍ ଜିତି ସେ ନିଜ କ୍ୟାରିୟରରେ ଆଉ ଏକ ଐତିହାସିକ ସଫଳତା ଯୋଡ଼ିଛନ୍ତି। ଏହି ସଫଳତା ଏହି କଥାର ମଧ୍ୟ ପ୍ରମାଣ ଅଟେ ଯେ ଜଣେ ଚାମ୍ପିଅନ୍ ରେସଲରରୁ ପ୍ରୋଫେସନାଲ୍ ଏମଏମଏ ଫାଇଟର୍ ବନିବାର ତାଙ୍କ ନିଷ୍ପତ୍ତି କେତେ ସଫଳ ସାବ୍ୟସ୍ତ ହୋଇଛି। ସେ ଭାରତର ସବୁଠାରୁ ପ୍ରମୁଖ କମ୍ବାଟ୍ ସ୍ପୋର୍ଟସ୍ ଖେଳାଳିମାନଙ୍କ ମଧ୍ୟରେ ଗଣାଯାଉଛନ୍ତି।

ଚାମ୍ପିଅନ୍ ହେବା ପରେ ସଂଗ୍ରାମ ସିଂହ ନିଜର ଏହି ବିଜୟକୁ ଭାରତର ୧୪୦ କୋଟି ଦେଶବାସୀଙ୍କ ନାମରେ ସମର୍ପିତ କରିଛନ୍ତି। ସେ କହିଛନ୍ତି, "ଏହି ବିଜୟ ମୋ ଦେଶ ଭାରତର ୧୪୦ କୋଟି ଦେଶବାସୀଙ୍କୁ ସମର୍ପିତ। ଯେତେବେଳେ ବି ମୁଁ ରିଙ୍ଗ୍ କିମ୍ବା କେଜ୍ ଭିତରକୁ ଓହ୍ଲାଏ, ମୋ ସହିତ ସମଗ୍ର ଦେଶର ଆଶା ଏବଂ ତ୍ରିରଙ୍ଗାର ସମ୍ମାନ ଥାଏ। ଏହି ଟାଇଟଲ୍ ଭାରତ ମାତାଙ୍କୁ ସମର୍ପିତ।" ଏହା ସଂଗ୍ରାମ ସିଂହଙ୍କର କ୍ରମାଗତ ଆଉ ଏକ ବଡ଼ ଅନ୍ତର୍ଜାତୀୟ ସଫଳତା ଅଟେ। ଏହା ପୂର୍ବରୁ ସେ ପାକିସ୍ତାନର ଅଲୀ ରଜା ନାସିର, ଟ୍ୟୁନିସିଆର ହାକିମ ତ୍ରାବେଲସି ଏବଂ ଫ୍ରାନ୍ସର ଫ୍ଲୋରିଆନ କୁଡିୟରଙ୍କୁ ମଧ୍ୟ ଗଗଇ ମ୍ୟାଚ୍‌ରେ ହରାଇ ସାରିଛନ୍ତି। ବର୍ତ୍ତମାନ ମହମ୍ମଦ ଆବିଦ୍ ଅଲୀଙ୍କ ଉପରେ ମିଳିଥିବା ବିଜୟ ସହିତ ସେ ନିଜର ଚମତ୍କାର ଅନ୍ତର୍ଜାତୀୟ ରେକର୍ଡକୁ ଆହୁରି ମଜଭୁତ କରିଛନ୍ତି। ତାଙ୍କ ବିଜୟ ପରେ ଷ୍ଟାଡିୟମରେ ଉପସ୍ଥିତ ଭାରତୀୟ ସମର୍ଥକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଅନେକ ଦର୍ଶକ 'ଭାରତ ମାତା କି ଜୟ' ନାରା ଲଗାଇଥିଲେ ଏବଂ ଭାରତୀୟ ଖେଳାଳିଙ୍କ ଏହି ଐତିହାସିକ ସଫଳତାକୁ ଜୋରଦାର ସ୍ୱାଗତ କରିଥିଲେ। ଏସିଆ ଚାମ୍ପିଅନ୍ ହେବା ସହିତ ସଂଗ୍ରାମ ସିଂହ ଏହା ପ୍ରମାଣିତ କରିଦେଇଛନ୍ତି ଯେ ଭାରତୀୟ ଖେଳାଳିମାନେ ଏମଏମଏ ଭଳି ବୈଶ୍ୱିକ ଖେଳରେ ମଧ୍ୟ ନୂଆ ଉଚ୍ଚତା ଛୁଇଁବାର କ୍ଷମତା ରଖିଛନ୍ତି।

# ଫିଫା ବିଶ୍ୱକପ୍ : ବିଶ୍ୱ ବିଜେତା ସ୍ପେନ୍‌କୁ ଟ୍ରଫି ସହ ମିଳିଲା ୪୮୨.୫୬ କୋଟି ଟଙ୍କା

**ନ୍ୟୁଜର୍ସି**

ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚରେ ସ୍ପେନ୍, ଆର୍ଜେଣ୍ଟିନାକୁ ୧-୦ ଗୋଲରେ ପରାସ୍ତ କରି ଫିଫା ବିଶ୍ୱକପ୍ ୨୦୨୬ ଟ୍ରଫି ଜିତିନେଇଛି। ଏହି ବିଜୟ ସହିତ ୟୁରୋପୀୟ ଚାମ୍ପିଅନ୍ ସ୍ପେନ୍ କେବଳ ଫୁଟବଲ୍‌ର ଏହି ପ୍ରତିଷ୍ଠିତ ଟ୍ରଫି ହାସଲ କରିନାହିଁ, ବରଂ ଫିଫା ପକ୍ଷରୁ ପ୍ରଦାନ କରାଯାଉଥିବା ରେକର୍ଡ ସଂଖ୍ୟକ ପୁରସ୍କାର ରାଶି ମଧ୍ୟ ନିଜ ନାମରେ କରିଛି।

ଅନ୍ୟପଟେ ଏହି ପରାଜୟ ସହିତ ଚାରି ବର୍ଷ ପୂର୍ବେ କତାରରେ ଜିତିଥିବା ନିଜ ଟାଇଟଲ୍‌କୁ ବଜାୟ ରଖିବା ପାଇଁ ଆର୍ଜେଣ୍ଟିନାର ଦେଖିଥିବା ସ୍ୱପ୍ନ ଭାଙ୍ଗିଯାଇଛି। ତଥାପି ଉପବିଜେତା ଭାବରେ ଦଳକୁ ଏକ ମୋଟା ଅଙ୍କର ଧନରାଶି ମିଳିଛି। ଡିସେମ୍ବର ୨୦୨୫ ରେ ଫିଫା ଅଧ୍ୟକ୍ଷ ଜିଆନି ଇନ୍‌ଫାଣ୍ଟିନୋଙ୍କ ନେତୃତ୍ୱରେ ହୋଇଥିବା ଫିଫା କାଉନ୍ସିଲ୍ ବୈଠକ ଅନୁସାରେ, ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟରେ ବିଶ୍ୱକପ୍ ଇତିହାସର ସବୁଠାରୁ ବଡ଼ ପ୍ରାଇଜ୍ ପୁଲ୍ ରଖାଯାଇଥିଲା।

ଫିଫା ଦ୍ୱାରା ଘୋଷଣା କରାଯାଇଥିବା ପୁରସ୍କାର ରାଶି ଅନୁସାରେ ଚଳିତ ଥର ଫାଇନାଲିଷ୍ଟ ଦଳଗୁଡ଼ିକୁ ପୂର୍ବ ସମସ୍ତ ସିଜନ୍ ତୁଳନାରେ ଯଥେଷ୍ଟ ଅଧିକ ଧନରାଶି ମିଳିଛି।

ଟାଇଟଲ୍ ଜିତିଥିବା ସ୍ପେନିସ୍ ଦଳକୁ ୫୦ ମିଲିଅନ୍ ଡଲାର (ପ୍ରାୟ ୪୮୧ କୋଟି ଟଙ୍କା)ର ବମ୍ପର ପୁରସ୍କାର ମିଳିଛି। ପୁରୁଷ ବିଶ୍ୱକପ୍ ଇତିହାସରେ ଯେକୌଣସି ବିଜେତାଙ୍କୁ ଦିଆଯାଇଥିବା ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ରାଶି। ଏହା ୨୦୨୨ରେ ଆର୍ଜେଣ୍ଟିନା ଜିତିଥିବା ରାଶିଠାରୁ ୮ ମିଲିଅନ୍ ଡଲାର ଅଧିକ।

ଉପବିଜେତା (ଆର୍ଜେଣ୍ଟିନା) : ଫାଇନାଲରେ ୧-୦ରେ ପରାଜୟର ସମ୍ମୁଖୀନ ହୋଇଥିବା ଆର୍ଜେଣ୍ଟିନା ଦଳକୁ ରନର୍ସ-ଅପ୍ ଭାବରେ ୩୩ ମିଲିଅନ୍ ଡଲାର (ପ୍ରାୟ ୩୧୮ କୋଟି ଟଙ୍କା) ମିଳିବ। ଏହା ୨୦୨୨ ରେ ଉପବିଜେତା ହୋଇଥିବା ଫ୍ରାନ୍ସ ଦଳକୁ ମିଳିଥିବା ରାଶିଠାରୁ ୩ ମିଲିଅନ୍ ଡଲାର ଅଧିକ।



ପୋଜିସନ୍ ହିସାବରେ ପୁରସ୍କାର ରାଶି : ଚାମ୍ପିଅନ୍ (ସ୍ପେନ) : ୫୦ ମିଲିଅନ ଡଲାର - ପ୍ରାୟ ୪୮୨.୫୬ କୋଟି। ଉପବିଜେତା (ଆର୍ଜେଣ୍ଟିନା) : ୩୩ ମିଲିଅନ ଡଲାର - ପ୍ରାୟ ୩୧୮.୪୯ କୋଟି। ତୃତୀୟ ସ୍ଥାନ (ଇଂଲଣ୍ଡ): ୨୯ ମିଲିଅନ ଡଲାର - ପ୍ରାୟ ୨୭୯.୮୯ କୋଟି। ଚତୁର୍ଥ ସ୍ଥାନ (ଫ୍ରାନ୍ସ): ୨୭ ମିଲିଅନ ଡଲାର - ପ୍ରାୟ ୨୬୦.୫୮ କୋଟି। ୫ମ ରୁ ୮ମ ସ୍ଥାନର ଦଳଗୁଡ଼ିକ : ୧୯ ମିଲିଅନ ଡଲାର - ପ୍ରାୟ ୧୮୩.୩୭ କୋଟି। ୯ମ ରୁ ୧୬ଶ ସ୍ଥାନର ଦଳଗୁଡ଼ିକ : ୧୫ ମିଲିଅନ ଡଲାର - ପ୍ରାୟ ୧୪୪.୭୭ କୋଟି। ୧୭ଶ ରୁ ୩୨ଶ ସ୍ଥାନର ଦଳଗୁଡ଼ିକ: ୧୧ ମିଲିଅନ ଡଲାର - ପ୍ରାୟ ୧୦୬.୧୬ କୋଟି। ୩୩ଶ ରୁ ୪୮ଶ ସ୍ଥାନର ଦଳଗୁଡ଼ିକ: ୯ ମିଲିଅନ ଡଲାର - ପ୍ରାୟ ୮୬.୮୬ କୋଟି

ଫିଫା କାଉନ୍ସିଲ୍ ଅନୁସାରେ ୨୦୨୬ ବିଶ୍ୱକପ୍‌ର ମୋଟ ପ୍ରାଇଜ୍ ପୁଲ୍ ୬୫୫ ମିଲିଅନ୍ ଡଲାର ସ୍ଥିର କରାଯାଇଥିଲା। ଯାହାକି ୨୦୨୨ ଟୁର୍ଣ୍ଣାମେଣ୍ଟ ତୁଳନାରେ ପୂରା ୫୦ ପ୍ରତିଶତ ଅଧିକ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ସମସ୍ତ ୪୮ଟି ଦଳକୁ ସେମାନଙ୍କର ପ୍ରଦର୍ଶନ ଏବଂ ସ୍ଥାନ ଆଧାରରେ ମୋଟା ଅଙ୍କର ଧନରାଶି ପ୍ରଦାନ କରାଯାଇଛି।

ଚଳିତ ଥର ୪୮ଟି ଦଳ ଫିଫା ବିଶ୍ୱକପରେ ଭାଗ ନେଇଥିଲେ। ପ୍ରତ୍ୟେକ କ୍ୱାଲିଫାଏ କରିଥିବା ଦେଶ ପାଇଁ ପୁରସ୍କାର ରାଶିରେ ବହୁତ ବଡ଼ ବୃଦ୍ଧି କରିଥିଲା। ଯାହାର ଲାଭ ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ଦଳଗୁଡ଼ିକୁ ମଧ୍ୟ ମିଳିଛି। ଯେଉଁଠି ଗୋଟିଏ ପଟେ ସ୍ପେନ୍ ନିଜର ଏହି ଐତିହାସିକ ବିଶ୍ୱକପ୍ ବିଜୟର ଉତ୍ସବ ପାଳନ କରୁଛି, ସେହିପରି ଅନ୍ୟପଟେ ସମସ୍ତ ଅଂଶଗ୍ରହଣକାରୀ ଦେଶ ମଧ୍ୟ ଏହି ରେକର୍ଡ ପ୍ରାଇଜ୍ ମନି ପାଇ ଲାଭବାନ୍ ହୋଇଛନ୍ତି।

# ମେସିଙ୍କୁ ନେଇ ବଡ଼ ବୟାନ ଦେଲେ ଲାମିନ ୟମାଲ

**ନୂଆଦିଲ୍ଲୀ**

ଆର୍ଜେଣ୍ଟିନାକୁ ପରାସ୍ତ କରି ସ୍ପେନ୍ ବିଶ୍ୱ ଚାମ୍ପିଅନ ହୋଇଛି। ୨୦୧୦ ପରେ ଦଳ ୧୬ ବର୍ଷ ପରେ ଦ୍ୱିତୀୟ ଟାଇଟଲ ସ୍ୱପ୍ନ ପୂରା କରିଛି। ଆର୍ଜେଣ୍ଟିନାର ବିଶ୍ୱକପ ଜିତିବା ସ୍ୱପ୍ନ ଧୂଳିସାତ୍ ହୋଇଛି। ତେବେ ଏହି ହାଇଭୋଲ୍ଟେଜ ମୁକାବିଲାରେ ସବୁଠୁ ଅଧିକ ଚର୍ଚ୍ଚାରେ ୩୯ ବର୍ଷୀୟ ଲିଓନେଲ ମେସି ଏବଂ ୧୯ ବର୍ଷୀୟ ଲାମିନ ୟମାଲ ଅଛନ୍ତି। ଫାଇନାଲ୍ ପୂର୍ବରୁ ଦୁହିଁଙ୍କ ଏକ ଫଟୋ ଖୁବ୍ ଭାଇରାଲ୍ ହୋଇଛି। ଏହି ଫଟୋରେ ମେସି ୟମାଲଙ୍କୁ କୋଳରେ ଧରିଛନ୍ତି। ସ୍ପେନ୍ ବିଶ୍ୱକପ୍ ଜିତିବା ପରେ ୟମାଲ ମେସିଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି। ମେସିଙ୍କ ବିଷୟରେ ତାଙ୍କ ପିଲାମାନଙ୍କୁ ଜଣାଇବେ ବୋଲି ୟମାଲ କହିଛନ୍ତି।





ୟମାଲ କହିଛନ୍ତି ଯେ, 'ଆଜି ମୁଁ ସ୍ପେନ୍ ପାଇଁ ବିଶ୍ୱକପ୍ ଜିତିଛି, ଏହି ଅନୁଭୂତିକୁ ମୁଁ ମୋ ପିଲାମାନଙ୍କ ସହ ସେୟାର କରିବି। ଯେଉଁ ଲୋକ ମୋତେ କୋଳରେ ଧରିଥିଲେ, ସେ ପିଚ୍‌ର ଗୋଟିଏ ପଟେ ଠିଆ ହୋଇ ମୋ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଆମେ ଦୁହେଁ ଗୋଟିଏ ସ୍ୱପ୍ନ ପାଇଁ ଆରପାର୍ ଲଢୁଥିଲୁ। ଅନ୍ତିମ ହ୍ୱିସିଲ୍ ପରେ ଯେତେବେଳେ ମୁଁ ମେସିଙ୍କୁ ଦେଖିଲି, ମୁଁ କେବଳ ଜଣେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଖି ନଥିଲି, ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିଥିଲି ଯିଏ ମୋ ପରି ଲକ୍ଷ ଲକ୍ଷ ପିଲାଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ ଯେ ଫୁଟବଲ୍ ଏକ କଳା। ଦିନେ ମୁଁ ସେହି ବ୍ୟକ୍ତିଙ୍କ ଭିଡିଓକୁ ବାରମ୍ବାର ଦେଖି ତାଙ୍କୁ ନକଲ କରିବାକୁ ଚେଷ୍ଟା କରୁଥିଲି।'

ୟମାଲ ପୁଣି କହିଛନ୍ତି ଯେ, 'ମୁଁ ଜାଣେ ଏହି ପରାଜୟ ତାଙ୍କୁ ଆଘାତ ଦେଇଥିବ। ଯଦି ତୁମେ ଏତେ ଉତ୍ସାହର ସହିତ ନ ଖେଳୁଛ, ଦେଶର ନେତୃତ୍ୱ ନେଉନାହଁ, ତାହେଲେ ବିଶ୍ୱକପ୍ ଫାଇନାଲରେ ହାରିବା ଦୁଃଖ ରହିବନି। ହେଲେ ମେସି ପରାଜୟ ସମୟରେ ମଧ୍ୟ ବଲ୍ ମାଗି ଚାଲିଥିଲେ, ବାରମ୍ବାର ସୁଯୋଗ ସୃଷ୍ଟି କରୁଥିଲେ ଏବଂ ଦୃଢ଼ ମନୋବଳ ବଜାୟ ରଖିଥିଲେ। କେବଳ ଚାମ୍ପିଅନମାନେ ଏହାହିଁ କରିପାରନ୍ତି। ଲୋକମାନେ ସ୍ପେନର ବିଶ୍ୱକପ୍ ବିଜୟ ନେଇ ଚର୍ଚ୍ଚା କରିବେ। କରିବା ବି ଉଚିତ୍। ହେଲେ ସେମାନେ ଏହା ମଧ୍ୟ ମନେ ରଖିବେ ଯେଉଁ ବୟସରେ ଅଧିକାଂଶ ଖେଳାଳି ଅବସର ନିଅନ୍ତି ସେହି ବୟସରେ ମେସି ନିଜ ଦେଶ ପାଇଁ ଲଢୁଥିଲେ। ମେସି ଯେତେବେଳେ ବି ବଲକୁ ଛୁଅଁନ୍ତି, ଦୁନିଆର ବଡ଼ ବଡ଼ ଡିଫେଣ୍ଡର ଘାବରେଇ ଯାଆନ୍ତି।'

# ଏମ୍‌ବାପେଙ୍କୁ ମିଳିଲା ଗୋଲ୍‌ଡେନ ବୁଟ୍ ଏବଂ ସ୍ପେନ୍ ଦଳର ଅଧିନାୟକ ପାଇଲେ ଗୋଲ୍‌ଡେନ ବଲ୍

**ନୂଆଦିଲ୍ଲୀ**

ମାସେରୁ ଅଧିକ ସମୟ ଧରି ଚାଲିଥିବା ଫିଫା ବିଶ୍ୱକପ୍ ୨୦୨୬ ଶେଷ ହୋଇଛି। ଫ୍ରାନ୍ସର କିଲିଆନ୍ ଏମବାପେ କ୍ରମାଗତ ଦୁଇଟି ବିଶ୍ୱକପ୍‌ରେ 'ଗୋଲ୍‌ଡେନ ବୁଟ୍' ଜିତିବାରେ ବିଶ୍ୱର ପ୍ରଥମ ଫୁଟବଲର୍ ହୋଇଛନ୍ତି। ଅନ୍ୟପଟେ ବିଶ୍ୱ ବିଜେତା ସ୍ପେନ୍ ଦଳର ଅଧିନାୟକ ରୋଡ୍ରି ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ 'ଗୋଲ୍‌ଡେନ ବଲ୍' ଆୱାର୍ଡ ଜିତିଛନ୍ତି। ସ୍ପେନ୍ କ୍ରମାଗତ ଦ୍ୱିତୀୟ ବିଶ୍ୱକପ୍ ଜିତିବାର ଆର୍ଜେଣ୍ଟିନାର ସ୍ୱପ୍ନକୁ ଭାଙ୍ଗି ଦେଇଛି ଏବଂ ଲିଓନେଲ ମେସି କୌଣସି ବ୍ୟକ୍ତିଗତ ପୁରସ୍କାର ପାଇବାରୁ ମଧ୍ୟ ବଞ୍ଚିତ କରିଛନ୍ତି।

ସର୍ବଶ୍ରେଷ୍ଠ ଗୋଲକିପରଙ୍କ ପାଇଁ ଦିଆଯାଉଥିବା 'ଗୋଲ୍‌ଡେନ ଗ୍ଲୋଭ୍ସ' ଆୱାର୍ଡ ସ୍ପେନର ୟୁନାଇ ସିମୋନ୍ ଜିତିଛନ୍ତି। ସ୍ପେନ୍ ବିପକ୍ଷରେ ଫିଫା ବିଶ୍ୱକପ୍ ୨୦୨୬ର ୮ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ଗୋଲ୍ ହୋଇଥିଲା। ସ୍ପେନର ପାଉ କୁବାରାସି ନିଜ ଦଳର ସାଥୀ ଲାମିନ୍ ୟମାଲ୍‌ଙ୍କୁ ପଛରେ ପକାଇ ବେଷ୍ଟ ୟଙ୍ଗ ପ୍ଲେୟାର ପୁରସ୍କାର ହାସଲ କରିଛନ୍ତି। କୁବାରାସି ସ୍ପେନ୍ ପାଇଁ ସେଣ୍ଟର ବ୍ୟାକ୍ ଭୂମିକାରେ ଖେଳନ୍ତି। ଅନ୍ୟପଟେ ନେଦରଲାଣ୍ଡ ଦଳ 'ଫେୟାର୍ ପ୍ଲେ ଆୱାର୍ଡ' ଜିତିଛି।

ଫିଫା ବିଶ୍ୱକପ୍ ୨୦୨୬ର ଆୱାର୍ଡ ବିଜେତା : ଗୋଲ୍‌ଡେନ ବଲ୍ (ସର୍ବଶ୍ରେଷ୍ଠ ଖେଳାଳି): ରୋଡ୍ରି (ସ୍ପେନ୍)। ଗୋଲ୍‌ଡେନ ବୁଟ୍ (ଟପ୍ ସ୍କୋରର) : କିଲିଆନ୍ ଏମବାପେ (ଫ୍ରାନ୍ସ) – ୧୦ଟି ଗୋଲ୍। ଗୋଲ୍‌ଡେନ ଗ୍ଲୋଭ୍ (ସର୍ବଶ୍ରେଷ୍ଠ ଗୋଲକିପର): ୟୁନାଇ ସିମୋନ୍ (ସ୍ପେନ୍)। ବେଷ୍ଟ ୟଙ୍ଗ ପ୍ଲେୟାର (ସର୍ବଶ୍ରେଷ୍ଠ ଯୁବ ଖେଳାଳି): ପାଉ କୁବାରାସି (ସ୍ପେନ୍)। ଫେୟାର୍ ପ୍ଲେ ଟ୍ରଫି: ନେଦରଲାଣ୍ଡସ୍।



ଫାଇନାଲରେ ଆର୍ଜେଣ୍ଟିନାକୁ ସ୍ପେନ୍ ଗୋଟିଏ ଗୋଲରେ ପରାସ୍ତ କରିଛି ଏବଂ ଲିଓନେଲ ମେସି ଗୋଟିଏ ହେଲେ ଗୋଲ କରିପାରି ନାହାନ୍ତି। ମେସିଙ୍କୁ ରେକର୍ଡ ତୃତୀୟ ଥର ପାଇଁ 'ଗୋଲ୍‌ଡେନ ବଲ୍' ମିଳିବାର ଆଶା ଥିଲା, ଯିଏକି ପୂର୍ବରୁ ଦୁଇଥର ଏହି ପୁରସ୍କାର ଜିତିସାରିଛନ୍ତି। ମାଞ୍ଚେଷ୍ଟର ସିଟିର ମିଡଫିଲ୍ଡର ରୋଡ୍ରି ଟୁର୍ଣ୍ଣାମେଣ୍ଟରେ କୌଣସି ଗୋଲ କରିନଥିଲେ ମଧ୍ୟ ମିଡଫିଲ୍ଡରେ ପାସିଂ ଏବଂ ବଲ୍ ଉପରେ ନିୟନ୍ତ୍ରଣ ଯୋଗୁଁ ସ୍ପେନର ବିଜୟର ମୁଖ୍ୟ ସୂତ୍ରଧର ସାଜିଥିଲେ। ସେ ଚାମ୍ପିଅନ୍ସ ଲିଗ୍, ବାଲୋନ ଡି'ଓର ଏବଂ ବିଶ୍ୱକପ୍ ଜିତିବାରେ ୧୧ତମ ପୁରୁଷ ଖେଳାଳି ହୋଇଛନ୍ତି।

ଏମବାପେ ଏହି ବିଶ୍ୱକପରେ ମୋଟ ଦଶଟି ଗୋଲ୍ କରିଛନ୍ତି ଏବଂ ଚାରିଟି ଗୋଲ୍ ପାଇଁ ଆସିଷ୍ଟ କରିଛନ୍ତି। ମେସି ଆଠଟି ଗୋଲ୍ କରିଛନ୍ତି ଏବଂ ଚାରିଟି ଗୋଲ୍ ପାଇଁ ସହାୟକ ହୋଇଛନ୍ତି। ଫ୍ରାନ୍ସ ଦଳ ତୃତୀୟ ସ୍ଥାନ ପାଇଁ ହୋଇଥିବା ମ୍ୟାଚରେ ଇଂଲଣ୍ଡଠାରୁ ପରାସ୍ତ ହୋଇଥିଲା। ମେସି ନିଜ କ୍ୟାରିୟରରେ କେବେହେଲେ 'ଗୋଲ୍‌ଡେନ ବୁଟ୍' ଜିତିନାହାନ୍ତି, ଯଦିଓ ଶେଷ ସପ୍ତାହ ପର୍ଯ୍ୟନ୍ତ ସେ ଏହି ଦୌଡ଼ରେ ସବୁଠାରୁ ଆଗରେ ଥିଲେ।

ସେମିଫାଇନାଲ ପର୍ଯ୍ୟନ୍ତ ଏମ୍‌ବାପେ ଏବଂ ମେସି ଉଭୟଙ୍କର ଆଠ-ଆଠଟି ଗୋଲ୍ ଥିଲା। ଇଂଲଣ୍ଡ ବିପକ୍ଷ ତୃତୀୟ ସ୍ଥାନ ନିର୍ଦ୍ଧାରଣକାରୀ ମ୍ୟାଚ୍‌ରେ ଫ୍ରାନ୍ସ ୪-୬ ଗୋଲରେ ପରାସ୍ତ ହୋଇଥିବା ବେଳେ ଏମ୍‌ବାପେ ଦୁଇଟି ଗୋଲ୍ ଦେଇଥିଲେ। ସେ ଜର୍ମାନୀର ଗର୍ଡ ମ୍ୟୁଲର (୧୯୭୦)ଙ୍କ ପରେ ବିଶ୍ୱକପରେ ଦଶଟି ଗୋଲ୍ କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ବିଶ୍ୱକପ କ୍ୟାରିୟରରେ ମୋଟ ୨୨ଟି ଗୋଲ୍ ହୋଇଯାଇଥିବା ବେଳେ ମେସିଙ୍କର ୨୧ଟି ଗୋଲ୍ ରହିଛି।

# ୩ ଅଭିଯୋଗର ତତ୍କାଳ ସମାଧାନ କଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ

**ବାଲେଶ୍ୱର, ନ୍ୟୁଜ୍**

ରବିବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲାର ସିମୁଳିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୭୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୭୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ। ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦିଲ୍ଲିପ କୁମାର ଜେନାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।



# ଜଙ୍ଗଲରୁ ଧରାପଡ଼ିଲେ ୪ ବ୍ରାଉନ୍‌ସୁଗାର୍ ସପ୍ଲାୟର

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ବଡବିଲ ପୋଲିସର ବଡ଼ ସଫଳତା। ଆନ୍ତଃରାଜ୍ୟ ବ୍ରାଉନ ସୁଗାର ଚୋରାଚାଲାଣ ରାକେଟ୍‌ର ପର୍ଦ୍ଦାଫାଶ କରି ୬ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୩୪ ଗ୍ରାମ୍ ବ୍ରାଉନ ସୁଗାର, ନଗଦ ୫୦ ହଜାର ଟଙ୍କା, ବାଇକ୍ ଓ ମୋବାଇଲ ଫୋନ୍ ଜବତ୍ ହୋଇଛି।

ସୂଚନା ଅନୁଯାୟୀ, ରବିବାର ଏସ୍‌ଆଇ ଦେବାଶିଷ ରାଉଳଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଭଦ୍ରାସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ମୁଣ୍ଡାସାହି ଜଙ୍ଗଲ ଅଞ୍ଚଳରେ ବ୍ରାଉନ ସୁଗାର ବ୍ୟବସାୟ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ପରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ୪ ଜଣ ସନ୍ଦିଗ୍ଧଙ୍କୁ ପୋଲିସ୍ କାବୁ କରି ସେମାନଙ୍କ ନିକଟରୁ ୩୪ ଗ୍ରାମ୍ ବ୍ରାଉନ ସୁଗାର, ନଗଦ ୫୦ ହଜାର ଟଙ୍କା, ଏକ ବାଇକ୍ ଓ ମୋବାଇଲ ଫୋନ ଜବତ କରାଯାଇଥିଲା। ପରବର୍ତ୍ତୀ ତଦନ୍ତରେ ଏହି ରାକେଟ୍ ସହ ସମ୍ପୃକ୍ତ ୨ ଜଣ ପେଡଲରଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ଅଭିଯୁକ୍ତମାନେ ରହିଥିବାରୁ ଏହା ଏକ ଆନ୍ତଃରାଜ୍ୟ ରାକେଟ୍ ଥିବା ସ୍ପଷ୍ଟ ହୋଇଛି। ଗିରଫ ୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ ବ୍ରାଉନ୍ ସୁଗାର୍ ସପ୍ଲାୟର ହେଲେ ସମିମ୍ ଆଖତର, ମେହେବୁବ ଶେଖ୍, ଯୋରାଜ ଶେଖ, ଏମଡି ତୋହିଦ୍ ଓ ୨ ପେଡ୍‌ଲର ହେଲେ ମୋହମ୍ମଦ ରାମିଜ ରାଜା, ସଫିକୁଲ ଶେଖ୍। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଏହି ନିଶା ଦ୍ରବ୍ୟର ଉତ୍ସ ଓ ଏହି ରାକେଟ୍ ସହ ଜଡିତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ୍ ତଦନ୍ତ ଜାରି ରଖିଛି।



# ଭୋଟର ତାଲିକା ସଂଶୋଧନ ପ୍ରକଳ୍ପର ସମୀକ୍ଷା କଲେ ସଂସ୍କୃତି ସଚିବ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ବରଗଡ଼ ଜିଲ୍ଲାର ନିର୍ବାଚନ ମଣ୍ଡଳୀ ଭୋଟର ତାଲିକା ପର୍ଯ୍ୟବେକ୍ଷକ (ଇଲେକ୍ଟୋରାଲ ରୋଲ ଅବଜରଭର) ଡ. ବିଜୟ କେତନ ଉପାଧ୍ୟାୟ, ଆଇଏ.ଏସ ବରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ଯୋଜନା, ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଏବଂ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ବରଗଡ଼ ସର୍କିଟ ହାଉସ୍‌ଠାରେ ସଚିବ ଡ. ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସଘନ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ। ଏକ ପୃଥକ୍ ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲାଇନ୍ ବିଭାଗର ଉନ୍ନୟନମୂଳକ ଯୋଜନାର ପ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଅପରାହ୍ନରେ ସଚିବ ବରଗଡ଼ ସ୍ଥିତ ଅମ୍ବାପାଲିରେ ବୁଥ୍‌ଗୁଡ଼ିକ ପରିଦର୍ଶନ କରି ସ୍ୱତନ୍ତ୍ର ସଘନ ସଂଶୋଧନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୧ ଜୁଲାଇ ୨୦୨୬ ମଙ୍ଗଳବାର





# ହେରା ପଞ୍ଚମୀରେ ମହାପ୍ରଭୁଙ୍କ ରାମ-ଲକ୍ଷ୍ମଣ ଅବତାର ବେଶ



**ସୁବର୍ଣ୍ଣପୁର, ନ୍ୟୁଜବ୍ୟୁରୋ**

ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ସୁବର୍ଣ୍ଣପୁରର ଶ୍ରୀଶ୍ରୀ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ହେରା ପଞ୍ଚମୀ ଅବସରରେ ଚତୁର୍ଦ୍ଧାମୂର୍ତ୍ତି ରାମ-ଲକ୍ଷ୍ମଣ ଅବତାର ବେଶ ଧାରଣ କରି ଭକ୍ତବୃନ୍ଦଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ। ଗୁଣ୍ଡିଚା ମନ୍ଦିର ଠାରେ ପାତାଳୀ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଭକ୍ତଙ୍କ ବହୁ ସଂଖ୍ୟାରେ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଭୁଙ୍କ ଏହି ମନୋରମ ଓ ଆକର୍ଷଣୀୟ ବେଶ ଦର୍ଶନ କରିବା ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କର ଅପାର ଭିଡ଼ ଲାଗି ରହିଥିଲା। ରାମାୟଣର ଆଦର୍ଶ, ଧର୍ମନିଷ୍ଠା, ଭ୍ରାତୃପ୍ରେମ ଓ ତ୍ୟାଗର ବାର୍ତ୍ତା ବହନ କରୁଥିବା ଏହି ରାମ-ଲକ୍ଷ୍ମଣ ଅବତାର ବେଶ ଭକ୍ତମାନଙ୍କ ମନରେ ଭକ୍ତି ଓ ଆଧାତ୍ମିକ ଚେତନା ସଞ୍ଚାର କରିଥିଲା। ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସେବାୟତ ମାନେ ପ୍ରଭୁଙ୍କ ବିଶେଷ ବେଶ ଓ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ।

ଆଡ଼ପ ମଣ୍ଡପରେ ଚାଲିଥିବା ଏହି ଅବତାର ବେଶ ପରମ୍ପରା ସୁବର୍ଣ୍ଣପୁରର ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ବୈଶିଷ୍ଟ୍ୟ ଭାବେ ପରିଗଣିତ। କେବଳ ଗୁଣ୍ଡିଚା ମନ୍ଦିର ନୁହେଁ, ସହରର ଶ୍ରୀଶ୍ରୀ ବୃନ୍ଦାବନ ବିହାରୀ ମନ୍ଦିର, ମଝିପଡ଼ାସ୍ଥିତ ରାମଧୁନ ଆଡ଼ପ ମଣ୍ଡପ ଏବଂ ଥନାପତିପଡ଼ା ଆଡ଼ପ ମଣ୍ଡପରେ ମଧ୍ୟ ପ୍ରଭୁଙ୍କ ବିଭିନ୍ନ ଅବତାର ବେଶ ଦର୍ଶନ ପାଇଁ ବ୍ୟାପକ ଜନସମାଗମ ହେଉଛି। ରଥଯାତ୍ରା ଅବସରରେ ସମଗ୍ର ସୁବର୍ଣ୍ଣପୁର ଏବେ ଭକ୍ତି, ଆଧାତ୍ମିକତା ଓ ଜଗନ୍ନାଥ ସଂସ୍କୃତିର ମହିମାରେ ଉତ୍ସବମୁଖର ହୋଇଉଠିଛି।

ପ୍ରଭୁଙ୍କ ଦିବ୍ୟ ରୂପ ଦର୍ଶନ କରି ଭକ୍ତମାନେ ଆତ୍ମବିଭୋର ହୋଇଥିବା ବେଳେ ସମଗ୍ର ଦେବଭୂମି ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ଆଡ଼ପ ମଣ୍ଡପରେ ଚାଲିଥିବା ଏହି ଅବତାର ବେଶ ପରମ୍ପରା ଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଆଜି ମଧ୍ୟ ସଜୀବ ରଖିଥିବା ବେଳେ ଭକ୍ତମାନଙ୍କୁ ଧର୍ମ, ଭକ୍ତି ଓ ଆଧାତ୍ମିକତାର ବାର୍ତ୍ତା ପ୍ରଦାନ କରୁଛି।

# ବରାହ-ନୃସିଂହ ବେଶରେ ମହାପ୍ରଭୁ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ମାଉସୀ ମା' ମନ୍ଦିରରେ ଚାଲିଥିବା ପାରମ୍ପରିକ ବେଶ ନୀତି ଅନୁଯାୟୀ ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବରାହ ଅବତାର ଏବଂ ଶ୍ରୀବଳଭଦ୍ର ନୃସିଂହ ଅବତାର ଧାରଣ କରି ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେଇଥିଲେ। ଏହି ଦୁର୍ଲଭ ଅବତାର ବେଶ ଦର୍ଶନ ପାଇଁ ମାଉସୀ ମା' ମନ୍ଦିର ପରିସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧ୍ୟାହ୍ନ ଭୋଗ ନୀତି ସମାପ୍ତ ହେବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀଜୀଉଙ୍କୁ ବରାହ-ନୃସିଂହ ବେଶରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ନୀତିକାନ୍ତି ଶେଷ ପରେ ଶ୍ରୀଜଗନ୍ନାଥ ବରାହ ଓ ଶ୍ରୀବଳଭଦ୍ର ନୃସିଂହ ଅବତାରରେ ରତ୍ନବେଦୀରେ ବିରାଜମାନ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଆକର୍ଷଣୀୟ ବେଶ ଓ ମନ୍ଦିର ପରିସରର ଆଧାତ୍ମିକ ପରିବେଶ ଶ୍ରଦ୍ଧାଳୁଙ୍କୁ ଭକ୍ତିଭାବରେ ବିଭୋର କରିଥିଲା। ପୁରାଣ ଅନୁସାରେ, ଭଗବାନ ବିଷ୍ଣୁ ବରାହ ଅବତାର ଧାରଣ କରି ଅସୁର ହିରଣ୍ୟାକ୍ଷଙ୍କ କବଳରୁ ପୃଥିବୀକୁ ଉଦ୍ଧାର କରିଥିଲେ। ପରେ ଭକ୍ତ ପ୍ରହ୍ଲାଦଙ୍କୁ ରକ୍ଷା କରିବା ପାଇଁ ନୃସିଂହ ଅବତାର ଧାରଣ କରି ହିରଣ୍ୟକଶିପୁଙ୍କ ବଧ କରିଥିଲେ। ଏହି ଦୁଇ ଅବତାର ଧର୍ମର ସୁରକ୍ଷା, ଅଧର୍ମର ବିନାଶ ଏବଂ ଭକ୍ତଙ୍କ ପ୍ରତି ଭଗବାନଙ୍କ ଅସୀମ କୃପାର ପ୍ରତୀକ ବୋଲି ବିଶ୍ୱାସ କରାଯାଏ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଟ୍ ପ୍ରଶ୍ନପତ୍ର ଲିକ୍,...

ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ପରିସରରେ ୧୫ ମିନିଟ୍ ପାଇଁ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ମୌସୁମୀ ଓ ମୌସୁମୀ ଅଧିବେଶନ ଯଦି ଉଭୟ ସକ୍ରିୟ ହୁଏ, ତେବେ ସେଗୁଡ଼ିକ ବହୁତ ଫଳପ୍ରଦ ହେବ । ଯୁକ୍ତି ସହିତ ସଂସଦରେ ଆଲୋଚନା ହେବା ଉଚିତ। ମୋଦୀ ସ୍କାଏରୁଟର ସଫଳତା ପଛରେ ଥିବା ଯୁବ ଦଳକୁ ମଧ୍ୟ ପ୍ରଶଂସା କରିଥିଲେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ୫୬ ବର୍ଷ ଯୁବକ ବୋଲି କହି କଟାକ୍ଷ ମଧ୍ୟ କରିଥିଲେ। ସଂସଦର ଏହି ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ରହିଥିବା ବେଳେ ଏହି ୨୫ ଦିନର ଅବଧି ମଧ୍ୟରେ ୧୯ଟି କାର୍ଯ୍ୟ ଦିବସ ରହିଛି। ଏହି ଅଧିବେଶନରେ ସରକାର ଓ ବିରୋଧୀ ଦଳ ମଧ୍ୟରେ ଅନେକ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ହେବାର ଆଶା କରାଯାଉଛି। ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନସିପିଆଇ)ର ପ୍ରଥମ ଥର ସଂସଦରେ ଉପସ୍ଥିତି ହୋଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ର ୨୦ ଜଣ ବିଦ୍ରୋହୀ ସାଂସଦ ଏନସିପିଆଇରେ ମିଶି ଏନଡିଏରେ ଯୋଗ ଦେଇଛନ୍ତି। ଏହି ଅଧିବେଶନରେ ସରକାର ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୬ ଓ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫ ଆଗତ କରିବାର ଆଶା କରାଯାଉଛି।

### ଜିଲ୍ଲାସ୍ତରରେ ସିଙ୍ଗଲ...

ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏଥି ସହିତ ବର୍ଷା ଋତୁରେ ଜଳବାହିତ ଓ ବିଭିନ୍ନ ବାହକ ଜନିତ ରୋଗର ପ୍ରତିରୋଧ ପାଇଁ ସତର୍କତା ଓ ନିରୀକ୍ଷଣ, ପର୍ଯ୍ୟାପ୍ତ ଔଷଧ ଓ ଚିକିତ୍ସା ସାମଗ୍ରୀର ଉପଲବ୍ଧତା, ଜନସଚେତନତା ଏବଂ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଉପସ୍ଥିତ ରହି ଆଲୋଚନା କରିଥିଲେ ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ କୃଷକଙ୍କୁ ପ୍ରଯୁକ୍ତିଭିତ୍ତିକ ସେବା ସୁନିଶ୍ଚିତ କରିବା, ପାଣିପାଗ ଓ ବର୍ଷା ପରିମାପ ବ୍ୟବସ୍ଥା ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟକୁ ତ୍ୱରାନ୍ୱିତ କରିବା, ସାରର କଳାବଜାରୀ ଓ ଅନିୟମିତତା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଏଗ୍ରିଷ୍ଟାକ ଅଧୀନରେ କୃଷକ ପଞ୍ଜୀକରଣକୁ ମିଶନ ମୋଡ୍‌ରେ ଆଗେଇ ନେବା ଏବଂ ଏଥିପାଇଁ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଓ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା, ଏ ସମ୍ପର୍କରେ ଜମି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜିଲ୍ଲାସ୍ତରରେ ନିୟମିତ ସମନ୍ୱୟ ବୈଠକ କରିବା, ନିର୍ମିତ ଛାତ୍ରାବାସଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପରିଚୟପତ୍ର ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ '' ଆପାର ଆଇଡି '' ସୃଷ୍ଟି ସହ ଆଧାର ସଂଯୋଗୀକରଣ, ରାଜ୍ୟରେ ଚିହ୍ନଟ ଐତିହ୍ୟ ବିଦ୍ୟାଳୟଗୁଡ଼ିକର ବିକାଶ କାର୍ଯ୍ୟକୁ ଶୀଘ୍ର ଆଗେଇ ନେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କାର୍ଯ୍ୟ କାର୍ଯ୍ୟକାରିତା ସଂପର୍କରେ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏନ୍ 'ବିକଶିତ ଗାଁ ବିକଶିତ ଓଡ଼ିଶା'କାର୍ଯ୍ୟକ୍ରମରେ ଗ୍ରହଣ କରାଯାଇଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ବ୍ୟୟ ସ୍ଥିତି ଏବଂ ୨୦୨୬-୨୭ ବାର୍ଷିକ କାର୍ଯ୍ୟଯୋଜନାର ଅନୁମୋଦନ ସଂପର୍କରେ ଆଲୋଚନା କରିଥିଲେ । ଅବଶିଷ୍ଟ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆରମ୍ଭ ଓ ସମ୍ପୂର୍ଣ୍ଣ କରିବା ସହ ବ୍ଲକ୍ ସ୍ତରର ବାର୍ଷିକ କାର୍ଯ୍ୟଯୋଜନାକୁ ତୁରନ୍ତ ଅନୁମୋଦନ କରି କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥି ସହିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର 'ବିକଶିତ ଭାରତ-ଗ୍ରାମୀଣ ରୋଜଗାର ଏବଂ ଆଜୀବିକା ମିଶନ (ଭିବି-ଜି ରାମ-ଜି)'ର କାର୍ଯ୍ୟାନ୍ୱୟନ, ବିଭିନ୍ନ ବିଭାଗ ସହ ସମନ୍ୱୟରେ ଗ୍ରାମସ୍ତରରେ ସ୍ଥାୟୀ ସମ୍ପଦ ସୃଷ୍ଟି, ଜଳ ସଂରକ୍ଷଣ, ଜୀବିକା ବିକାଶ ଓ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

### ୨୭ରେ ଜନ...

ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳ ୮ ଘଟିକା ସମୟରୁ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜିକରଣ ଜୁଲାଇ ୨୨ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ,ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (ଏଚଟିପିପିଏସ୍://ଜନଶୁଣାଣି.ଓଡିଶା.ଜିଓଭି.ଇନ୍/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ।

### ସ୍ୱଳ୍ପ ବର୍ଷା ପାଇଁ ...

ଜଳସ୍ତର କମ୍ ଥିବାରୁ କୃଷି ଓ ଜଳସମ୍ପଦ ବିଭାଗ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯେପରି ଖରିଫ ଚାଷରେ କୌଣସି ଅସୁବିଧା ନହୁଏ। ଏଥିପାଇଁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ମଧ୍ୟ ଆଲୋଚନା କରାଯାଇଛି।

ଶ୍ରୀ ସିଂହଦେଓ ସ୍ପଷ୍ଟ କରିଛନ୍ତି ଯେ, ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଲିମେଳାରେ ବିଦ୍ୟୁତ ଉତ୍ପାଦନକୁ କିଛି ଦିନ ପାଇଁ ବନ୍ଦ ରଖାଯାଇଛି। କମ୍ ବର୍ଷା ସତ୍ତ୍ୱେ ବିକଳ୍ପ ବ୍ୟବସ୍ଥା ଯୋଗୁଁ ରାଜ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ରହିଛି। ତେଣୁ ବିଦ୍ୟୁତ ବା ପାଣି ଅଭାବ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ।

ଏହି ସମସ୍ୟାର ସମାଧାନ ପାଇଁ ସରକାର ଏକ ବ୍ୟାପକ ଆପଦକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି। ଫସଲକୁ ବଞ୍ଚାଇବା ପାଇଁ କୃଷି, ଶକ୍ତି ଓ ଜଳସମ୍ପଦ ବିଭାଗ ମିଳିତ ଭାବେ କାମ କରୁଛନ୍ତି। ଜଳ-ବିଦ୍ୟୁତ ଉତ୍ପାଦନ କମିଥିବାରୁ ଶକ୍ତି ବିଭାଗ ଗ୍ରିଡକୋ ଏବଂ ଓଏଚପିସି ଜରିଆରେ ବାହାର ଗ୍ରିଡ୍‌ରୁ ବିଦ୍ୟୁତ ଆଣିବାକୁ ବ୍ୟବସ୍ଥା କରିଛନ୍ତି, ଯାହାଦ୍ୱାରା ଲୋକମାନେ ନିରବଚ୍ଛିନ୍ନ ବିଦ୍ୟୁତ ପାଇପାରିବେ।

ସେହିପରି ମାଛକୁଣ୍ଡ ପ୍ରକଳ୍ପର ବୈଷୟିକ ସମସ୍ୟା ଦୂର କରିବା ପାଇଁ ଓଡ଼ିଶା ସରକାର ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଆଲୋଚନା ଚଳାଇଛନ୍ତି, ଯେପରି ଏହି ପ୍ରକଳ୍ପରୁ ଶୀଘ୍ର ପୁଣିଥରେ ସମ୍ପୂର୍ଣ୍ଣ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇପାରିବ। ରାଜ୍ୟ ସରକାର ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି ଏବଂ ଜଳ ଓ ଶକ୍ତିର ସଠିକ୍ ପରିଚାଳନା ପାଇଁ ପ୍ରତିବଦ୍ଧ ଅଛନ୍ତି।

### ଧାରଣା ପ୍ରତିବାଦ...

ଭଲ ପରିବେଶରେ ହୋଇଥିଲା। ସେମାନଙ୍କ ପ୍ରତିନିଧି ଦଳ ସହିତ ପ୍ରାରମ୍ଭିକ ଆଲୋଚନା ବିସ୍ତୃତ ଥିଲା, ଏବଂ ପ୍ରାୟ ଅପରାହ୍ନ ୪ ଟା ସମୟରେ ସେମାନେ ମୋତେ ଏକ ଲିଖିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଁ ସମସ୍ତ ପ୍ରତିବାଦକାରୀଙ୍କୁ ସେମାନଙ୍କର ଧାରଣା ସମାପ୍ତ କରିବାକୁ ଏବଂ ପ୍ରଶାସନକୁ ସ୍ୱାଭାବିକତା ଫେରାଇ ଆଣିବାକୁ ଅନୁରୋଧ କରିଛି।

### ଇରାନ-ଆମେରିକା...

ରହିବ। ହର୍ମୁଜ୍ ବାଟେ ପେଟ୍ରୋକେମିକାଲ୍ ଉତ୍ପାଦ, ଗ୍ୟାସ୍ ଏବଂ ତେଲର ଏକ ବୁନ୍ଦା ମଧ୍ୟ ପରିବହନ କରିବାକୁ ଅନୁମତି ଦିଆଯିବ ନାହିଁ।

ବିଶ୍ୱକପ୍ ଫାଇନାଲ୍ ପରେ ୱାଶିଂଟନ ଫେରିବା ସମୟରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ, ଆମେ ରବିବାର ରାତିରେ ସେମାନଙ୍କ ଉପରେ ପୁଣି ଥରେ ଜୋରଦାର ଆକ୍ରମଣ କରିଛୁ। ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ରବିବାର ବିଳମ୍ବିତ ରାତିରେ ଘୋଷଣା କରିଛି ଯେ ଏହା ଲଗାତାର ନବମ ରାତିରେ ଇରାନ ବିରୁଦ୍ଧରେ ଆକ୍ରମଣ କରିଛୁ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କୁହାଯାଇଛି ଯେ, ହର୍ମୁଜ ପ୍ରଣାଳୀରେ ଇରାନ ବାଣିଜ୍ୟିକ ଜାହାଜ ଏବଂ ନାବିକ ଉପରେ ଆକ୍ରମଣ କରୁଛି। ଇରାନର ସାମରିକ କ୍ଷମତାକୁ ହ୍ରାସ କରିବା ପାଇଁ ଏହି ଆକ୍ରମଣ କରାଯାଇଥିଲା।

### ସଡ଼କ ଦୁର୍ଘଟଣା...

ଚିଙ୍ଗୁଡ଼ି ବୋଝେଇ ଟ୍ରକ୍‌ରେ ଥିବା ୪ ଜଣଙ୍କ ମଧ୍ୟରୁ ଦୁଇଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ହସ୍ପିଟାଲ ପରେ କଟକ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକ୍‌ଟି ପୁରାପୁରି ଛିନ୍ନଛତ୍ର ହୋଇଯାଇଛି।

### ଅଶୋଧିତ ତେଲ...

ଟାର୍ଗେଟ୍ କରି ଆକ୍ରମଣ କରୁଛନ୍ତି। ଆମେରିକା କହିଛି ଯେ ଇରାନର ଜାହାଜ ଚଳାଚଳକୁ ଏହା ଅବରୋଧ କରିଛି। ଇରାନ କହିଛି ଯେ ନିୟମ ଉଲ୍ଲଂଘନ କରି ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ଜାହାଜଗୁଡ଼ିକୁ ଏହା ଟାର୍ଗେଟ୍ କରୁଛି।

### ଜାପାନୀ ଟିକା...

କମ୍ପାନି କହିଛି ଯେ ଏହି ଅନୁମୋଦନ ଏପରି ସମୟରେ ଆସିଛି ଯେତେବେଳେ ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତରେ ଡେଙ୍ଗୁ ମାମଲା ୧୧ ଗୁଣ ବୃଦ୍ଧି ପାଇଛି। ଏହି ଟିକା ବିକଶିତ କରିବା ପାଇଁ, ଜାପାନୀ କମ୍ପାନୀ ଟାକେଡା ଫାର୍ମାସ୍ୟୁଟିକାଲ୍ ୨୦୨୪ ମସିହାରେ ଭାରତୀୟ ଟିକା କମ୍ପାନୀ ବାୟୋଲୋଜିକାଲ୍-ଇ ସହ ଚୁକ୍ତି କରିଥିଲା। ଏହି ଚୁକ୍ତି ଅନୁଯାୟୀ, ବାୟୋଲୋଜିକାଲ୍-ଇ ପ୍ରତିବର୍ଷ ୫ କୋଟି ଡୋଜ୍ ଉତ୍ପାଦନ କରିବାର କ୍ଷମତା ବିକଶିତ କରିବ। ଏହା ଟାକେଡାକୁ ଦଶନ୍ଧି ଶେଷ ସୁଦ୍ଧା ବିଶ୍ୱବ୍ୟାପୀ ପ୍ରତିବର୍ଷ ୧୦ କୋଟି ଡୋଜ୍ ଉତ୍ପାଦନ କରିବାର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ।

# ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପୀଠରେ ହେରା ପଞ୍ଚମୀ ପାଳିତ

**ଜଗତସିଂହପୁର , ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ସିଦ୍ଧଳ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ସୋମବାର ହେରା ପଞ୍ଚମୀ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ସୁସଜିତ ପାଲିଙ୍କିରେ ଏକ ଶୋଭାଯାତ୍ରା ରେ ପାଟ ପଟୁଆର ସହ ବଡ ଦାଣ୍ଡରୁ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇଥିଲେ ।ସେଠାରେ ମହାପ୍ରଭୁଙ୍କ ଉପରେ କ୍ରୋଧାନ୍ୱିତ ହୋଇ ରଥ ଭାଙ୍ଗି ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥଲେ । ଏହି ମାନବୀୟ ଲୀଳା ଦର୍ଶନ କରିବା ପାଇଁ ବର୍ଷା ର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧ୍ୟ ଭକ୍ତ ମାନଙ୍କ ଭିଡ଼ ଜମିଥିଲା। ଏହି ସମାରୋହରେ ଠାକୁର ରାଜା ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଉପ ଜିଲ୍ଲାପାଳ ତଥା ଟ୍ରଷ୍ଟି ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ଥିଲେ। ଏଥିରେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ରଥଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।



# ସୌମ୍ୟ ରଞ୍ଜନ ହତ୍ୟା ମାମଲା : ସାଙ୍ଗ ଓମ୍ ସତ କହିଥିବା ଲାଇ ଡିଟେକ୍ସନ ଟେଷ୍ଟ ରିପୋର୍ଟରୁ ସ୍ପଷ୍ଟ

**କଟକ, ନ୍ୟୁଜ ବ୍ୟୁରୋ**

ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟା ଅଭିଯୋଗ ମାମଲାରେ ଆସିଲା ଓମ୍‌ର ଲାଇ ଡିଟେକ୍ସନ ଟେଷ୍ଟ ରିପୋର୍ଟ । ଓମ୍ ପ୍ରକାଶ ସତ କହିଥିବା ରିପୋର୍ଟରୁ ସ୍ପଷ୍ଟ। ଏବେବି ଫେରାର ଅଛନ୍ତି ୫ରୁ ୬ ଜଣ ଅଭିଯୁକ୍ତ । ନିର୍ଦ୍ଧାରିତ ସମୟରେ ଦାଖଲ ହେବ ଚାର୍ଜସିଟ୍ । ଫେରାର ଅଭିଯୁକ୍ତଙ୍କ ବିରୋଧରେ ୱାରେଣ୍ଟ ପାଇଁ କ୍ରାଇମବ୍ରାଞ୍ଚ ଆବେଦନ କରିବ । କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ସୂତ୍ରରୁ ମିଳିଛି ସୂଚନା । ଫେରାର ଅଭିଯୁକ୍ତଙ୍କ ବିରୋଧରେ ୱାରେଣ୍ଟ ପାଇଁ କ୍ରାଇମବ୍ରାଞ୍ଚ ଆବେଦନ କରିବ। ଗତ ଜୁଲାଇ ୩ ତାରିଖରେ ରାଜ୍ୟ ଫୋରେନସିକ୍ ଲ୍ୟାବରେ ଓମ୍ ପ୍ରକାଶର ହୋଇଥିଲା ଲାଇ ଡିଟେକ୍ସନ ଟେଷ୍ଟ । ପ୍ରାୟ ଦୁଇ ମାସ ପରେ ଓମକୁ ନେଇ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ଟିମ୍ । ଦୀର୍ଘ ୩ ଘଣ୍ଟା ଧରି ଚାଲିଥିଲା ଓମ୍‌ର ମିଛଧରା ପରୀକ୍ଷା । କ୍ରାଇମବ୍ରାଞ୍ଚର ୭୦ ପ୍ରଶ୍ନର ଉତ୍ତର ରଖିଥିଲା ସୌମ୍ୟଙ୍କ ସାଙ୍ଗ ଓମ୍ ପ୍ରକାଶ । କ୍ରାଇମବ୍ରାଞ୍ଚର ସାଇଣ୍ଟିଫିକ ଟିମ୍ ଓ ଲାଇ ଡିଟେକ୍ସନ ଟେଷ୍ଟ କରିଥିଲେ । ଉପସ୍ଥିତ ଥିଲେ ତଦନ୍ତକାରୀ ଅଧିକାରୀ ଏବଂ ଜଣେ ଡାକ୍ତର ।

# ରଥଯାତ୍ରା ଦଳାଚକଟା ଘଟଣାକୁ ଚାପି ଦେବାକୁ ହେଉଛି ଉଦ୍ୟମ : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ପୁରୀର ଘୋଷଯାତ୍ରାକୁ ବିଜେପି ସରକାର ସଠିକ ଭାବରେ ପରିଚାଳନା କରି ନପାରିବାରୁ ଶ୍ରଦ୍ଧାଳୁଙ୍କ ପ୍ରାଣ ହାନି ହୋଇଛି। ଏ ବାବଦରେ ଶଙ୍ଖ ଭବନରେ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାରକୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ବିଜେପି ସରକାରକୁ ସମାଲୋଚନା କରିଛନ୍ତି।

ଉପସଭାପତି ଶ୍ରୀ ଦାସବର୍ମା କହିଛନ୍ତି ଯେ, ସ୍ୱାସ୍ଥ୍ୟ ମନ୍ତ୍ରୀ କହିଲେ ଯେ ଦଳା ଚକଟା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇନାହିଁ। ଜଣେ ହୃଦଘାତ ଓ ଅନ୍ୟ ଜଣକ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ମିଥ୍ୟା। ରଥଯାତ୍ରା ସମୟରେ କଣ ଘଟିଲା ତାହାକୁ ରାଜ୍ୟ ସରକାର ସାର୍ବଜନୀନ କରୁନାହାଁନ୍ତି। ଦଳାଚକଟାରେ କେତେ ଜଣ ମୃତ୍ୟୁ ଓ କେତେ ଜଣ ଆହତ ହୋଇଛନ୍ତି। ସେ ବାବଦରେ କୌଣସି ସରକାରୀ ତଥ୍ୟ ପ୍ରଦାନ କରାଗଲା ନାହିଁ। ଉକ୍ତ ଘଟଣାକୁ ମିଳିମିଶି ଚାପି ଦେବାକୁ ବିଜେପି ସରକାର ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟ ସରକାର ଓ ପ୍ରଶାସନିକ ଅଧିକାରୀ ମାନଙ୍କ କଥାରେ ତାଳମେଳ ରହୁନି। ଦଳାଚକଟା ହୋଇ ୪ଜଣ ଅତି ଗୁରୁତର ଅବସ୍ଥାରେ ପୁରୀ ହସପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସେଥି ମଧ୍ୟରୁ ୩ଜଣଙ୍କ ମୃତ୍ୟୁ ହୋଇଛି। ଏହାସହିତ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି ବୋଲି ସିଡିଏମଓ ଘୋଷଣା କରିଥିଲେ। କିନ୍ତୁ ପର୍ଯ୍ୟାୟକ୍ରମରେ ୨ଜଣଙ୍କ ମୃତ୍ୟୁ ହୋଇଛି ବୋଲି ରାଜ୍ୟ ସରକାର କହିଥିଲେ। ଅନ୍ୟ ଜଣକ ମୃତ୍ୟୁ ବାବଦରେ ରାଜ୍ୟ ସରକାର ସୂଚନା ପ୍ରଦାନ ନକରି ନିରବ ରହିଛନ୍ତି। ୩ ଜଣଙ୍କ ମୃତ୍ୟୁ ହୋଇଥିଲେ ସୁଦ୍ଧା ରାଜ୍ୟ ସରକାର ତାହାକୁ ଲୁଚାଇବାରେ ଲାଗିଛନ୍ତି। ରଥ ଯାତ୍ରା ସୁପରିଚାଳନା ନେଇ ଡବଲ ଇଞ୍ଜିନ ସରକାର ବାରମ୍ବାର ବୈଠକ କରୁଥିଲେ। କିନ୍ତୁ ତାଙ୍କର ଚରମ ବିଫଳତା ପାଇଁ ଆଜି ଓଡ଼ିଶା ସବୁଠି ନିନ୍ଦିତ ହୋଇଛି। ଡବଲ ଇଞ୍ଜିନ ସରକାରର ସାମଗ୍ରିକ ବିଫଳତା ପାଇଁ ଆଜି ଏହିପରି ଅଭାବନୀୟ ଘଟଣା ଘଟିଛି। ଯାହାକି ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ସ୍ତବ୍ଧ କରିଦେଇଛି। ମନ୍ତ୍ରୀ ଦଳାଚକଟାରେ ଶ୍ରଦ୍ଧାଳୁ ମାନଙ୍କ ମୃତ୍ୟୁ ହୋଇଛି ବୋଲି ସ୍ୱୀକାର କରୁନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଦଳାଚକଟାରେ ମୃତ୍ୟୁ ହୋଇଛି ବୋଲି ଉଲ୍ଲେଖ କରାଯାଇଛି। ମହାପ୍ରଭୁଙ୍କ ଆଳ ନେଇ ଖସି ଯିବାକୁ ବିଜେପି ସରକାର ଉଦ୍ୟମ କରୁଛନ୍ତି। ଉକ୍ତ ଘଟଣାର ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ପୂର୍ବର ରଥ ଯାତ୍ରା ସମୟରେ ଦଳା ଚକଟାରେ ମୃତ୍ୟୁ, ପହଣ୍ଡି ବିଜେ ବେଳେ ଚାରମାଳରୁ ପ୍ରଭୁ ବଳଭଦ୍ର ଖସି ପଡିବା ଘଟଣାର ତଦନ୍ତ ରିପୋର୍ଟ୍ ମଧ୍ୟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇନି। ତାହାକୁ ସାର୍ବଜନୀନ କରିବାକୁ ମଧ୍ୟ ଦାବି କରାଯାଇଛି। ସୂର୍ଯ୍ୟାସ୍ତ ପରେ ରଥ ଟଣା ଯିବାର ନିୟମ ନଥିବା ବେଳେ କିପରି ନୀତିକାନ୍ତି ନିୟମ ନମାନି ସୂର୍ଯ୍ୟାସ୍ତ ପରେ ରଥ ଟଣା ଗଲା ସେନେଇ ରାଜ୍ୟ ସରକାର ସ୍ପଷ୍ଟୀକରଣ ପ୍ରଦାନ କରନ୍ତୁ। ସେହିପରି ଗଣମାଧ୍ୟମ ସଂଯୋଜକ ଡ଼ ମହାନ୍ତି କହିଛନ୍ତି ଯେ, ରଥ ଯାତ୍ରା ସମୟରେ ପୁରୀରେ ଦଳାଚକଟା ଘଟଣା ଘଟିଛି। ଯାହାକି ସମସ୍ତ ଗଣମାଧ୍ୟମରେ ମଧ୍ୟ ପ୍ରସାରିତ ହୋଇଛି। କିନ୍ତୁ ବିଜେପି ସରକାର ନିଜ ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ଏହାକୁ ସ୍ୱୀକାର କରୁନାହାଁନ୍ତି। ଦଳା ଚକଟାରେ ମୃତ୍ୟୁ ନେଇ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବି ଅନ୍ୟ କାରଣରେ ଶ୍ରଦ୍ଧାଳୁ ମାନଙ୍କ ମୃତ୍ୟୁ ହୋଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି। ଦଳା ଚକଟାରେ ମୃତ୍ୟୁକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱୀକାର କରୁନାହାଁନ୍ତି। ଦଳା ଚକଟାରେ ୩ଜଣଙ୍କ ମୃତ୍ୟୁ ହୋଇଛି। କିନ୍ତୁ ୨ଜଣଙ୍କ ପରିଚୟ ଦେଇ ଅନ୍ୟ ଜଣକ ନାମ ଲୁଚାଇବାକୁ ବିଜେପି ସରକାର କେଉଁ କାରଣରୁ ପ୍ରୟାସ କରୁଛି ବୋଲି ବିଜେଡ଼ି ଆଶ୍ଚର୍ଯ୍ୟ ପ୍ରକାଶ କରିଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥା କହି ଖସି ଯିବାକୁ ଚେଷ୍ଟା କରୁଛନ୍ତି। ଏହିପରି ଜଣେ ଅପାରଗ ସ୍ୱାସ୍ଥ୍ୟ ମନ୍ତ୍ରୀ ରାଜ୍ୟ ସରକାରଙ୍କ କ୍ୟାବିନେଟରେ ରହିବାର ଆବଶ୍ୟକତା ନାହିଁ। ତେଣୁକରି ଉକ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା। ଏହାସହିତ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ା ମୁକେଶ ମହଲିଙ୍ଗ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ରାଜ୍ୟ ମନ୍ତ୍ରୀ ମଣ୍ଡଳରୁ ବରଖାସ୍ତ କରିବା ପାଇଁ ଦାବି କରିଛନ୍ତି। ଡ. ମହାନ୍ତି ଆହୁରି ମଧ୍ୟ କହିଛନ୍ତି, ଓଡ଼ିଶାରେ ବିଜେପି ସରକାର ଗଠନ କରିବା ଠାରୁ ନିୟମିତ ଭାବେ ଗତ ୩ ବର୍ଷ ଧରି ରଥ ଯାତ୍ରାରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ସଠିକ ଭାବେ ପରିଚାଳନା ନକରି ପାରିବାରୁ ରଥ ଯାତ୍ରାରେ ଅଘଟଣ ଘଟି ପ୍ରାଣ ହାନି ହେଉଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ଓଡ଼ିଶାରେ ସରକାର ଗଠନ କରିଛନ୍ତି। କିନ୍ତୁ ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୂ ଶ୍ରୀଜଗନ୍ନାଥଙ୍କ ସେବା ଯୋଗାଇବାରେ ଅସମର୍ଥ ଅଟନ୍ତି। ଯାହାକି ସାରା ଓଡ଼ିଶାବାସୀଙ୍କ ସମ୍ମୁଖରେ ବିଜେପି ନିଜେ ଦେଖାଇ ଦେଇଛି ବୋଲି କହିଛନ୍ତି। ବିଜେପି ସରକାର ପାଇଁ ଓଡ଼ିଶା ଆଜି ସବୁଠି ନିନ୍ଦିତ ହୋଇଛି। ଆବଶ୍ୟକତା ଠାରୁ ଅନେକ ବେଶୀ ଲୋକଙ୍କୁ ପାସ ବଣ୍ଟନ କରିବା ସହ ଭିଆଇପି ଓ ଭିଭିଆଇପି ନୀତି ପାଇଁ ଦଳା ଚକଟା ପରି ପରିସ୍ଥିତ ସୃଷ୍ଟି ହୋଇଛି। ଓଡ଼ିଆ ମାନେ ସୁରୁଖୁରୁରେ ରଥ ଯାତ୍ରାରେ ମହାପ୍ରଭୂଙ୍କ ଦର୍ଶନ କରିପାରୁ ନାହାଁନ୍ତି। ଏଥିପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ଅଟେ। ରାଜ୍ୟ ସରକାର ନିଜ ଦୋଷ ତ୍ରୁଟିକୁ ସ୍ୱୀକାର କରନ୍ତୁ ବୋଲି କହିଛନ୍ତି।

# ଅଙ୍ଗନବାଡି ଦିଦିଙ୍କ ଉପରେ ଅଣ୍ଡା ଚଡ଼କ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅଣ୍ଡା ଦର ବଢ଼ିଚାଲିଛି । ମାସେ ଭିତରେ ଅଢ଼େଇ ଟଙ୍କା ଦର ବଢ଼ିଲାଣି । ବଜାରରେ ଅଣ୍ଡା ଗୋଟା ୯ଟଙ୍କା । ସେପଟେ ଅଙ୍ଗନବାଡିରେ ପାଠ ପଢୁଥିବା ପିଲାଙ୍କ ପାଇଁ ଅଣ୍ଡା ଟେନସନ୍ ବଢ଼ିଲାଣି । ସରକାର ଏବେ ଗୋଟିଏ ଅଣ୍ଡା ପାଇଁ ୭ଟଙ୍କା ଦେଉଛନ୍ତି । ହେଲେ ଅଧିକ ୨ଟଙ୍କା କେଉଁଠୁ ଆସିବ, ତାକୁ ନେଇ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ଭାଳେଣି ପଡ଼ିଲାଣି । ତେଣୁ ସରକାରଙ୍କୁ ସିଧାସଳଖ ଚିଠି ଲେଖି ଏ ସମସ୍ୟା ସଂକ୍ରାନ୍ତରେ ଅବଗତ କରାଯିବ ବୋଲି ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡିଜ୍ ୱାର୍କର ଆସୋସିଏସନ୍ ପକ୍ଷରୁ ସୂଚନା ମିଳିଛି । ହୋଲସେଲ ବଜାର ଓ ଖାଉଟି ବଜାରରେ ଏବେ ଆକାଶପାତାଳ ତଫାତ୍ । ହୋଲସେଲ ବଜାରରେ ଅଣ୍ଡା ଦର ଏବେ ସାଢ଼େ ୭ଟଙ୍କା । ହେଲେ ବଜାରରେ ଦେଢ଼ଟଙ୍କା ଅଧିକ ଦରରେ ବିକ୍ରି ହେଉଛି । ରବିବାର ଅଣ୍ଡା କାର୍ଟୁନ ପିଛା ୧୬୦୦ ଟଙ୍କା ହୋଇଛି । ବେପାରୀଙ୍କ କହିବା କଥା, ଉତ୍ପାଦନ ନଥିବାରୁ ଆହୁରି ବି ବଢ଼ିବ । ଅଣ୍ଡା ଦର ବଢୁଥିବା ବେଳେ ଅଣ୍ଡା ପ୍ରସ୍ତୁତ ଖାଦ୍ୟ ଦର ମଧ୍ୟ ଧୀରେଧୀରେ ବଢ଼ିଲାଣି । ଏଭଳି ସ୍ଥିତିରେ ଦର କେବେ ଖସିବ ତାକୁ ଅପେକ୍ଷା କରିଛନ୍ତି ଅଣ୍ଡାପ୍ରେମୀ ।

ରାଜ୍ୟରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପୁଷ୍ଟିସାଧନ ପାଇଁ ରାଜ୍ୟ ସରକାର ପୋଷଣ ଯୁକ୍ତ ଖାଦ୍ୟରେ ଅଣ୍ଡା ଯୋଗାଇ ଦେଉଛନ୍ତି । ଅଙ୍ଗନବାଡ଼ି କର୍ମୀଙ୍କ ମାଧ୍ୟମରେ ଅଣ୍ଡା ବଣ୍ଟନ ହେଉଛି । ୧୧ ରୁ ୧୪ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାମାନଙ୍କୁ ପୁଷ୍ଟି ସହାୟତା ଯୋଗାଇ ଦେବା ପାଇଁ ମାସକୁ ୧୬ଟି, ଅତିଶୟ ପୁଷ୍ଟିହୀନ ଶିଶୁ (୬ ମାସରୁ ୩ ବର୍ଷ), ଗର୍ଭବତୀ ଓ ପ୍ରସୂତି ମହିଳା । ୬ ମାସରୁ ୩ ବର୍ଷ ଯାଏ ସାଧାରଣ ଶିଶୁଙ୍କୁ ମାସକୁ ୧୨ଟି ଲେଖାଏଁ ଅଣ୍ଡା ଦିଆଯାଏ । ରନ୍ଧନ ଖାଦ୍ୟରେ ମଧ୍ୟ ସପ୍ତାହକୁ ୫ଟି ଲେଖାଏଁ ଅଣ୍ଡା ଦିଆଯାଉଛି । ଗୋଟିଏ ଅଣ୍ଡା କିଣିବା ପାଇଁ ଅଙ୍ଗନବାଡ଼ି କର୍ମୀଙ୍କୁ ପୂର୍ବରୁ ୫ ଟଙ୍କା ପ୍ରଦାନ କରାଯାଉଥିଲା । ୨୦୧୮ ମସିହାର ଦରଦାମକୁ ଲକ୍ଷ୍ୟ କରି ସରକାର ଏହି ଦର ଧାର୍ଯ୍ୟ କରିଥିଲେ । ହେରେ ଦାବି ପରେ ଗତବର୍ଷ ଏହା ୭ଟଙ୍କାକୁ ବଢ଼ିଥିଲା । ଏବେ ସେତିକି ବି ଯଥେଷ୍ଟ ହେଉନି । ସବୁଠି ପାଇକାରୀ ଦରରେ ଅଣ୍ଡା କିଣିବା ସମ୍ଭବ ନୁହେଁ । ଅଧିକାଂଶ ଜିଲ୍ଲାରେ ଅଙ୍ଗନବାଡ଼ି କର୍ମୀମାନେ ଆର୍ଥିକସ୍ତରରେ ସ୍ୱଚ୍ଛଳ ନଥିବାରୁ ନିଜ ହାତରୁ ଖର୍ଚ୍ଚ କରିପାରୁନାହାନ୍ତି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AXLECOUNTER-KUR-576, ତାରିଖ: 13.07.2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ IB ଠାରେ ଓଭରଲାପ୍ ଟ୍ରାକ୍ ସହିତ ସମାନ୍ତରାଳ ଭାବେ ଡିଜିଟାଲ ଏକ୍ସିଲ କାଉଣ୍ଟର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹5,13,57,153.00, EMD: ₹10,27,200.00.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 04.08.2026, 11.00 ଘଟିକାରେ ।

ବିଡ୍ ଆରମ୍ଭ ହେବା ତାରିଖ : 21.07.2026

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ଅବଲୋକନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଓ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ
PR-308/R/26-27

# 'ବିନା ସର୍ତ୍ତରେ ମହିଳା ସଂରକ୍ଷଣକୁ ତୁରନ୍ତ ଲାଗୁ କର'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନାରୀ ଶକ୍ତିବନ୍ଦନ ଅଧିନିୟମ ୨୦୨୩କୁ ଜନଗଣନା ଓ ସୀମା ନିର୍ଦ୍ଧାରଣ ଠାରୁ ଅଲଗା କରି ଆଗକୁ ହେବାକୁ ଥିବା ରାଜ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ମହିଳା ସଂରକ୍ଷଣକୁ ତୁରନ୍ତ ଲାଗୁ କରିବା ଦାବିରେ ଜାତୀୟ ମହିଳା ମଞ୍ଚର ଆହ୍ୱାନକ୍ରମେ ଭୁବନେଶ୍ୱରଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କର ରାଜନୈତିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସୋମବାର ଠାରୁ ଆରମ୍ଭ ହୋଇଥିବା ସଂସଦ ଅଧିବେଶନରେ ଆବଶ୍ୟକ ସମ୍ବିଧାନର ଧାରା ସଂଶୋଧନ ମାଧ୍ୟମରେ ଆଇନରୁ ଜନଗଣନା ଓ ସୀମା ନିର୍ଦ୍ଧାରଣକୁ ହଟାଇ ସଂରକ୍ଷଣ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ସମଗ୍ର ଦେଶ ସହିତ ଭୁବନେଶ୍ୱରରେ ମଧ୍ୟ ସମାବେଶ ଅନୁଷ୍ଠିତ ହୋଇଛି। ସୋମବାର ରାମ ମନ୍ଦିର ଛକଠାରୁ ଏକ ସୁସଜ୍ଜିତ ପଟୁଆର ବାହାରି ଜନପଥ ଦେଇ ବିଧାନସଭା ସମ୍ମୁଖରେ ପହଂଚିବା ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

ଭୁବନେଶ୍ୱର, ୨୧ ଜୁଲାଇ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଶ୍ରୀମନ୍ଦିରରେ ଭିଆଇପି ଦର୍ଶନ ବ୍ୟବସ୍ଥା ନେଇ ଟିଭିରେ ଆସୁଛି ବିଜ୍ଞାପନ

# ସିଂହଦ୍ୱାର ଥାନାରେ ଏତଲା ଦେଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ, ୨୦/୦୭ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପ୍ରବଳ ଭିଡ ଲାଗି ରହୁଛି । ଏହାର ଫାଇଦା ଉଠାଇ କିଛି ବ୍ୟକ୍ତି ଅନଲାଇନ୍ ମାଧ୍ୟମରେ ଭକ୍ତଙ୍କୁ ଠକେଇ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । କିଛି ବ୍ୟକ୍ତି ନକଲି ୱେବସାଇଟ୍ ଖୋଲି ଶ୍ରୀମନ୍ଦିରରେ ଭିଆଇପି ଦର୍ଶନ ନେଇ ବିଜ୍ଞାପନ ଦେଉଛନ୍ତି । ୱେବ୍ ସାଇଟରେ ଯୋଗାଯୋଗ କରି ଶ୍ରୀମନ୍ଦିରରେ ଭିଆଇପି ଦର୍ଶନର ସୁବିଧା ନେବା ପାଇଁ ପୁରୀକୁ ଆସୁଥିବା ଯାତ୍ରୀଙ୍କୁ ପ୍ରଲୋଭିତ କରିବାକୁ ଉଦ୍ୟମ କରୁଛନ୍ତି । ହେଲେ ଶ୍ରୀମନ୍ଦିର ଟଙ୍କା ଦେଇ ଭିଆଇପି ଦର୍ଶନ ସୁବିଧା ନଥିବା



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସ୍ପଷ୍ଟୀକରଣ ଦିଆଯାଇଛି । ଏଥିସହ ସିଂହଦ୍ୱାର ଥାନାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଏତଲା ଦିଆଯାଇଛି । ଶ୍ରୀମନ୍ଦିରରେ ଭିଆଇପି ଦର୍ଶନ କରାଇବା ନେଇ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଛି । ଏକ ଘରୋଇ ସଂସ୍ଥା ପକ୍ଷରୁ ଶ୍ରୀମନ୍ଦିରରେ ଭିଆଇପି ଦର୍ଶନ ବ୍ୟବସ୍ଥାର ସୁବିଧା ନେବା ପାଇଁ କିଛି ଟିଭି ଚ୍ୟାନେଲରେ ବିଜ୍ଞାପନ ଦିଆଯାଇଛି । ତେବେ ଏଭଳି ବ୍ୟବସ୍ଥା ଶ୍ରୀମନ୍ଦିରର ନଥିବା କିମ୍ବା ଭିଆଇପି ଦର୍ଶନ ନେଇ କୌଣସି ସଂସ୍ଥାକୁ ଅନୁମତି ଶ୍ରୀମନ୍ଦିର ପ୍ରଶାସନ ଦେଇନଥିବା ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ଲୋକଙ୍କୁ ସୁବିଧାରେ ଦର୍ଶନ କରାଇଦେବା କହି ଲୋକଙ୍କୁ ଠକିବା ପାଇଁ କେବଳ ଏଭଳି ବିଜ୍ଞାପନ ଦିଆଯାଇଛି ବୋଲି ଶ୍ରୀମନ୍ଦିର



ପୁରୀ : ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ଚତୁର୍ଦ୍ଧାମୂର୍ତ୍ତି ଓ ରଥ ଦର୍ଶନ କରିବା ଅବସରରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତମାନଙ୍କ ବିପୁଳ ସମାଗମ । 'ଆଡ଼ପ ଅବଡ଼ା' ସେବନ କରିବାର ସୌଭାଗ୍ୟ ପ୍ରତିଟି ଭକ୍ତଙ୍କ ପାଇଁ ଏକ ଅପୂର୍ବ ଆଧ୍ୟାତ୍ମିକ ଅନୁଭୂତି ଦେଉଛି । (ଫଟୋ : ସମ୍ବାଦ କଳିକା)

# ଜନ୍ମବେଦୀରେ ମହାପ୍ରଭୁ କାଳିଆଙ୍କ ଲୀଳାଖେଳା

**ପୁରୀ, ୨୦/୦୭ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାର ମାସର ତେର ଯାତ୍ରା ମଧ୍ୟରୁ ରଥଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସବୁଠାରୁ ମହାନ ଏବଂ ଆକର୍ଷଣୀୟ । ଏହି ନବଦିନାତ୍ମକ ଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସାଙ୍ଗକୁ 'ଆଡ଼ପ ଅବଡ଼ା' ସେବନ କରିବାର ସୌଭାଗ୍ୟ ପ୍ରତିଟି ଭକ୍ତ ପାଇଁ ଏକ ଅପୂର୍ବ ଆଧ୍ୟାତ୍ମିକ ଅନୁଭୂତି ଅଟେ । ଶାସ୍ତ୍ର ଓ ପୁରାଣ ଅନୁଯାୟୀ, ଆଡ଼ପ ମଣ୍ଡପରେ ବିରାଜମାନ କାଳରେ ମହାପ୍ରଭୁଙ୍କୁ ଲାଗୁଥିବା ଭୋଗକୁ ଆଡ଼ପ ଅବଡ଼ା କୁହାଯାଏ । ବିଶ୍ୱାସ ରହିଛି ଯେ, ବର୍ଷସାରା ଶ୍ରୀମନ୍ଦିରରେ ମହାପ୍ରସାଦ ମିଳୁଥିଲେ ମଧ୍ୟ ଗୁଣ୍ଡିଚା ମନ୍ଦିରରେ ମିଳୁଥିବା ଏହି ଅବଢ଼ାର ମାହାତ୍ମ୍ୟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । ଏହାକୁ ଗ୍ରହଣ କଲେ ମଣିଷର ସମସ୍ତ ପାପ



ବିନାଶ ହେବା ସହ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଜନମାନସରେ ଦୃଢ଼ ବିଶ୍ୱାସ ରହିଛି । ନିଜ ପିତୃ ପୁରୁଷଙ୍କୁ ତୃପ୍ତି ଦେବା ଓ ଆଶୀର୍ବାଦ ପ୍ରାପ୍ତି ପାଇଁ ବ୍ରାହ୍ମଣଙ୍କୁ ଆଡ଼ପ ଅବଢ଼ା ସେବନ କରାଇବା ବିଧି ରହିଛି ।

# ରାମ ମନ୍ଦିର ଦାନ ଚୋରି ଘଟଣାକୁ ରାଜନୀତିକରଣ କରନ୍ତୁନି : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୦/୦୭**

ସୁପ୍ରିମକୋର୍ଟ ସୋମବାର ଉତ୍ତରପ୍ରଦେଶ ସରକାରଙ୍କୁ ଅଯୋଧ୍ୟା ରାମ ମନ୍ଦିରରେ ଦାନର କଥିତ ହଡପ ଯାଞ୍ଚ ଲାଗି ଏକ ଏସଆଇଟି ଗଠନ କରିବାର ସମ୍ଭାବନା ସମ୍ପର୍କରେ ଅବଗତ କରାଇବାକୁ କହିଛନ୍ତି । ସେହିପରି ଆବେଦନକାରୀଙ୍କୁ ଏହି ପ୍ରସଙ୍ଗକୁ ରାଜନୀତିକରଣ ନ କରିବାକୁ ଚେତାବନୀ ଦେଇଛନ୍ତି । ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ଓ ଜଷ୍ଟିସ୍ ଭି.ମୋହନାଙ୍କ ପୀଠ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଆଣିବାକୁ କହିଛନ୍ତି, ଯେଉଁଥିରେ ପୋଲିସ ଯାଞ୍ଚ ପୂର୍ବରୁ ଏସଆଇଟି ଯାଞ୍ଚ ହୋଇପାରିବ ।



ସୁପ୍ରିମକୋର୍ଟ କହିଛନ୍ତି ଯେ ସ୍ପେଶାଲ ଇନଭେଷ୍ଟିଗେଟିଂ ଟିମ୍ (ଏସଆଇଟି) ଯିଏ ଏଫଆଇଆର ରୁଜୁ ହେବା ପୂର୍ବରୁ ପୁରା ମାମଲାର ଯାଞ୍ଚ କରିଥିଲେ, ତାଙ୍କୁ ସ୍ଥାନୀୟ ପୋଲିସ ବଦଳରେ ମାମଲାର ଯାଞ୍ଚ ଅର୍ପଣ କରାଯାଇ ପାରିବ କି ? ସିଜେଆଇ କହିଛନ୍ତି ଯେ କେବଳ ସାବଧାନତା ଅବଲମ୍ବନ ପାଇଁ ଏକ ଶବ୍ଦ, ଦୟାକରି ଏହି ପ୍ରସଙ୍ଗର ରାଜନୀତିକରଣ ନ କରନ୍ତୁ । କୋର୍ଟରେ ରାଜନୀତିର ସ୍ଥାନ ନାହିଁ । ଏହା ଅପରାଧର ଏକ ସାଧାରଣ ମାମଲା ଓ ଆମେ କେବଳ ଉଚିତ ଯାଞ୍ଚ ସୁନିଶ୍ଚିତ କରିବାକୁ ଅଛୁ । ପ୍ରାରମ୍ଭରେ ତୁଷାର ମେହେଟ୍ଟା କହିଥିଲେ ଯେ ପୂର୍ବ ଆଦେଶ ଅନୁସାରେ ରାଜ୍ୟ ସରକାର ଏକ ଷ୍ଟାଟସ ରିପୋର୍ଟ ଦାୟର କରିଛନ୍ତି । ସେ କହିଛନ୍ତି ଯେ ମାମଲାର ଯାଞ୍ଚ ଚାଲିଛି । ଏଥିରେ ୮ ଜଣ ଗିରଫ ହୋଇଛନ୍ତି ଓ ମାମଲାରେ ଏହାଠୁ ଅଧିକ କିଛି କହି ପାରିବି ନାହିଁ । ତେବେ କୋର୍ଟ ପଚାରିଥିଲେ ମାମଲାର କ'ଣ ଏସଆଇଟି ଯାଞ୍ଚ ହେଉଛି ? ଏଥିରେ ସଲିସିଟର ଜେନେରାଲ କହିଥିଲେ ଯେ କେବଳ ମାମଲାର ସତ୍ୟତା ଜାଣିବା ପାଇଁ ଏସଆଇଟିର ଗଠନ ହୋଇଥିଲା । ଏବେ ଏହାର ଯାଞ୍ଚ ପୋଲିସ ଦ୍ୱାରା କରାଯାଉଛି । ତେବେ ଏସଆଇଟି ଏହା ଏକ ଗୁରୁତର ଅପରାଧ ବୋଲି ଜାଣିବାକୁ ପାଇଛି । ଖଣ୍ଡପୀଠ ଆହୁରି କହିଛନ୍ତି ଯେ ବରିଷ୍ଠ ଆଇଏଏସ ଅଫିସର ଓ ଲକ୍ଷ୍ନୌ ପୋଲିସ ମହାନିରୀକ୍ଷକ ସେହି ଏସଆଇଟିର ଅଂଶ ଥିଲେ । ଏଣୁ ସେମାନେ ନିରପେକ୍ଷତା ଓ ପାରଦର୍ଶିତା ସୁନିଶ୍ଚିତ କରିବା ଲାଗି ଯାଞ୍ଚ କରିପାରିବେ । ତେବେ ଖଣ୍ଡପୀଠ କହିଛନ୍ତି ଯେ ସେ ଆଗାମୀ ସୋମବାର ମାମଲାର ଶୁଣାଣି କରିବେ ଓ କିଛି ନିର୍ଦ୍ଦେଶ ଗୃହୀତ କରିବେ । ପୀଠ ଜୁଲାଇ ୧୩ ତାରିଖରେ ଉତ୍ତରପ୍ରଦେଶ ପୋଲିସକୁ ମାମଲାର ଷ୍ଟାଟସ୍ ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ କଥିତ ଦାନ ଚୋରିର ନିରପେକ୍ଷ ଓ ସମୟବଦ୍ଧ ଯାଞ୍ଚ ଦାବି କରୁଥିବା ପିଟିସନରମାନଙ୍କ ଉପରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ମଧ୍ୟ ଜାରି କରିଥିଲେ ।

# ସାର ସଂକଟ : ଡିଏପି ଓ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ଲାଗି ଜିଲ୍ଲାପାଳମାନଙ୍କୁ କୃଷି ବିଭାଗର ଚିଠି





**ଭୁବନେଶ୍ୱର, ୨୦/୦୭ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସାର ସଂକଟ ଦୂର ପାଇଁ ରାଜ୍ୟ ସରକାର ଡିଏପି ଓ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ଲାଗି ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ବିକଳ୍ପ ଭାବେ କମ୍ପ୍ଲେକ୍ସ ଫର୍ଟିଲାଇଜର୍ ଓ ଆମୋନିୟମ୍ ସଲଫେଟ୍ କୁ ପ୍ରୋତ୍ସାହନ ଦେବାକୁ କୁହାଯାଇଛି । ଏନେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ଉଲ୍ଲେଖ କରାଯାଇଛି ଯେ ଭାରତ ସରକାର ବିପୁଳ ପରିମାଣରେ ଆମୋନିୟମ୍ ସଲଫେଟ୍ ଯୋଗାଇବେ । ଏହା ମୃତିକାରେ ସଲଫର୍ ଅଭାବ ଦୂର କରିବାରେ ସହାୟକ ହୋଇପାରିବ । ଡିଏପି ଯୋଗାଣ ପ୍ରଭାବିତ ହୋଇଥିବାରୁ କମ୍ପ୍ଲେକ୍ସ ଫର୍ଟିଲାଇଜରକୁ ଗୁରୁତ୍ୱ ଦିଆଯାଉ । ପ୍ରତ୍ୟେକ ଜିଲ୍ଲାର ମାର୍କଫେଡ୍ କୁ ଇଣ୍ଡେଂଟ୍ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି କୃଷି ବିଭାଗ ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ବ୍ଲାକମେଲ୍ ଉଦ୍ୟମ ନେଇ ପୋଲିସର କଠୋର ଆଭିମୁଖ୍ୟ

- ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଗିରଫ
- ପ୍ରକୃତ ମାଲିକଙ୍କୁ ୩୭୫ ମୋବାଇଲ ଫେରାଇଲା କମିଶନରେଟ ପୋଲିସ

**ଭୁବନେଶ୍ୱର, ୨୦/୦୭ ନ୍ୟୁଜ ବ୍ୟୁରୋ**

କଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ବ୍ଲାକମେଲ୍ ଉଦ୍ୟମ ନେଇ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଥିବା ପୋଲିସ କମିଶନର ସୁରେଶ ଦେବଦତ ସିଂ ସୂଚନା ଦେଇଛନ୍ତି । ସେ କହିଛନ୍ତି ଲୋକଙ୍କ ଚରିତ୍ର ହନନ ପାଇଁ ଏକ ଟ୍ରେଣ୍ଡ୍ ଡେଭଲପ ହୋଇଛି । ଶାରୀରିକ ହତ୍ୟା ପାଇଁ ସୁପାରି ପରି ଚରିତ୍ର ହତ୍ୟା ପାଇଁ ସୁପାରି ସାମ୍ନାକୁ ଆସିଛି । ଆସିଥିବା ଭିଡିଓରେ ମାରିବା ପାଇଁ ପଇସା ଦିଆଯିବା କଥା କୁହାଯାଇଛି । ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ସଙ୍ଗୀନ ଦଫାରେ ମାମଲା ରୁଜୁ ହେବ । ଏ ପ୍ରକାର ଲୋକଙ୍କୁ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯିବ । ତେବେ ଅଭିଯୁକ୍ତ ଏବେ ସୁଦ୍ଧା ଧରାପଡ଼ିନି, ବିଶେଷ କିଛି ସୂଚନା ଦେଇ ହେବନି ବୋଲି କହିଛନ୍ତି ପୋଲିସ କମିଶନର । ସେହିପରି କମିଶନରେଟ ପୋଲିସ ଜାଲରେ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ । ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଠାରୁ ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟପାଟ କରୁଥିବା ଗ୍ୟାଙ୍ଗର ଏହି





ସଦସ୍ୟକୁ ସୋମବାର କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି । ସେ ହେଲା ପଶ୍ଚିମବଙ୍ଗ ମାଲଦା ଜିଲ୍ଲା କାଳିଆଛକ ଥାନା ଅଞ୍ଚଳର ଏମ.ଡି ସାୟେମ୍ ଅଲ୍ଲି (୩୧) । ତା' ଠାରୁ ମୋଟ୍ ୧୫୦ଟି ମୋବାଇଲ ଜବତ କରାଯାଇଛି । ସୋମବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି । ଅଭିଯୁକ୍ତ ସାୟେମକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ସେ କହିଛନ୍ତି । ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତକୁ ପଚରାଉଚରା ପରେ ସେ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ସଦସ୍ୟ ବୋଲି ଜଣାପଡିଥିଲା । ଏହି ଗ୍ୟାଙ୍ଗ୍ ଭୁବନେଶ୍ୱର, କଟକ ଓ ପୁରୀରେ ସକ୍ରିୟ ଥିଲା । ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଠାରୁ ଲୁଟ୍ ଓ ଚୋରି କରିଥିଲେ । ପରେ ମୋବାଇଲକୁ ଓଡ଼ିଶା ବାହାରକୁ ଚାଲାଣ କରାଯାଉଥିଲା । ରବିବାର ସକାଳ ପ୍ରାୟ ୮ଟା ବେଳେ ଜଣେ ବ୍ୟକ୍ତି ମାଷ୍ଟରକ୍ୟାଣ୍ଟିନ ଛକ ଆମ ବସ୍ ଷ୍ଟପରେ ଠିଆ ହୋଇଥିଲେ । ସେ ଆମ ବସ୍‌କୁ ଅପେକ୍ଷା କରି ମୋବାଇଲରେ କଥା ହେଉଥିବାବେଳେ ଅଭିଯୁକ୍ତ ପଛରୁ ଆସି ହଠାତ୍ ତାଙ୍କୁ ଧକ୍କା ଦେଇଥିଲା । ଏହାପରେ ତାଙ୍କ ମୋବାଇଲ ନେଇ ଚମ୍ପଟ ମାରିଥିଲା । ଏନେଇ ଲୁଟ୍‌ର ଶିକାର ବ୍ୟକ୍ତି ଜଣକ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା (ନଂ.୫୬୯/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଲୋକେଶନ୍ ଟ୍ରାକ୍ କରି ପୋଲିସ ଟିମ୍ ଲୁଟେରାକୁ ଧରିବାକୁ ପ୍ରୟାସ ଆରମ୍ଭ କରିଥିଲା । ଅଭିଯୁକ୍ତ ଜଣକ ଅଶୋକ ନଗରସ୍ଥିତ ଏକ ହୋଟେଲରେ ଥିବାବେଳେ ପୋଲିସ ଟିମ୍ ଚଢ଼ଉ କରି ଅଭିଯୁକ୍ତକୁ କାବୁ କରିଥିଲା । ଅନ୍ୟପକ୍ଷରେ ଜବତ ମୋବାଇଲକୁ ଫେରାଇବା ପାଇଁ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ମୋବାଇଲ ହସ୍ତାନ୍ତର ମେଳା କରଯାଇଥିଲା । ଏହି ମେଳାରେ ପୋଲିସ ପକ୍ଷରୁ ଲୁଟ୍ ପରେ ଉଦ୍ଧାର ହୋଇଥିବା ୩୭୫ଟି ମୋବାଇଲକୁ ପ୍ରକୃତ ମାଲିକଙ୍କୁ ଫେରାଯାଇଥିଲା । ମୋବାଇଲ ଫେରିପାଇ ଲୋକମାନେ ଖୁସିବ୍ୟକ୍ତ କରିଥିଲେ ।

# ପ୍ରେମିକାକୁ ହତ୍ୟା ଘଟଣାରେ ୩ ଅଭିଯୁକ୍ତ ଗିରଫ

**କୁଚିଣ୍ଡା, ୨୦/୦୭ ନ୍ୟୁଜ ବ୍ୟୁରୋ**

କୁଚିଣ୍ଡାରୁ ଅପହରଣ କରି ପ୍ରେମିକାକୁ ହତ୍ୟା କରିଥିବା ମାମଲାରେ ୩ ଜଣଙ୍କୁ ଗିରଫ କରିଛି ପୁଲିସ୍ । ମୁଖ୍ୟ ଅଭିଯୁକ୍ତ ପ୍ରେମିକ ଅନୀଲ ପୃଷେଠ ସହ ତା'ର ବନ୍ଧୁ ସୁଭିତ୍ ମାକର ଓ ଅଶୋକ କିସାନକୁ କୋର୍ଟ ଚାଲାଣ କରାଯାଇଛି । ଏପଟେ ରବିବାର କୁଚିଣ୍ଡା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ଏକ ଡାକ୍ତରୀ ଟିମ୍ ଶବ ବ୍ୟବଚ୍ଛେଦ କରିଛନ୍ତି । ଫୋରେନ୍ସିକ୍ ଟିମ୍ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି । ହତ୍ୟାରେ ବ୍ୟବହୃତ ଓଢ଼ଣୀ, ଗୋଟିଏ ବୋଲେରୋ ଗାଡ଼ି, ଗୋଟିଏ ମୋବାଇଲ୍ ଏବଂ ଅନ୍ୟ ବାୟୋଲୋଜିକାଲ୍ ସାମଗ୍ରୀ ଜବତ ହୋଇଛି । କୁଚିଣ୍ଡା ପୁଲିସ୍‌ର ସୂଚନା ଅନୁସାରେ, କୁଚିଣ୍ଡା ଥାନା କୁସୁମୀ ଫାଣ୍ଡି ମହୁଲଗୁଡ଼ା ଗାଁର ସରିତା ସା (୨୪) କୁଚିଣ୍ଡାର ଏକ ପାର୍ଲରରେ ଗତ ୮ ମାସ ହେଲା କାମ କରୁଥିଲା । କୁଚିଣ୍ଡା ଥାନା ତେଲିକୁଣ୍ଡାପୋଷି ଗାଁର ଅନୀଲ ସହ ଏହା ପୂର୍ବରୁ ଅର୍ଥାତ ପ୍ରାୟ ୨ ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା । ସେ ଜଣେ ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ । ହେଲେ ଗତ କିଛି ମାସ ହେଲା ସରିତା ତୁରନ୍ତ ବିବାହ କରିବାକୁ ଅନୀଲକୁ ବାଧ୍ୟ କରିଆସୁଥିଲେ । କିନ୍ତୁ ଏହାକୁ ଟାଳି ଚାଲିଥିଲା ଅନୀଲ । ତେଣୁ ସରିତାକୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲା । ଗତ ୧୬ ତାରିଖରେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଥିଲା ଅନୀଲ । ୧୬ ତାରିଖ ସନ୍ଧ୍ୟାରେ ବୁଲି ଯିବାକୁ ପ୍ରେମିକା ସରିତାକୁ କହିଥିଲା ଅନୀଲ । ତେଣୁ ଅନୀଲ ପୂର୍ବ ଯୋଜନା ଅନୁସାରେ ଗୋଟିଏ ବୋଲେରୋରେ ୨ ଜଣ ବନ୍ଧୁଙ୍କ ସହ ଆସିଥିଲେ । ସ୍କୁଟିରେ ପାର୍ଲର ସମ୍ମୁଖରୁ ସରିତାକୁ ନେଇଥିଲା ଅନୀଲ । ପରେ ବୋଲେରୋରେ ଜମନକିରା ପଟକୁ ଯାଇଥିଲେ । ଅଶୋକ ଗାଡ଼ି ଚଳାଉଥିବାବେଳେ ସୁଭିତ୍ ସାମ୍ନା ପଟର ସିଟ୍‌ରେ ବସିଥିଲା । ଗାଡ଼ିରେ ଯାଉଥିବାବେଳେ ସରିତା ଓ ଅନୀଲଙ୍କ ମଧ୍ୟରେ ବିବାହକୁ ନେଇ ଝଗଡ଼ା ହୋଇଥିଲା । ଏହି ସମୟରେ ସରିତା ଧରିଥିବା ଓଢ଼ଣୀରେ ତା'ର ତଣ୍ଟି ଚିପି ହତ୍ୟା କରିଥିଲା ଅନୀଲ । ପରେ ୩ ଜଣ ମିଶି ଶବକୁ ବଡ଼ରମା ଘାଟିରେ ପକାଇ ଦେଇଥିଲେ । ହେଲେ ସରିତାଙ୍କ ବାପା ଅନୀଲ ନାଁରେ ସିଧାସଳଖ ଏତଲା ଦେବାରୁ ପୁଲିସ୍ ତାକୁ ଆଣି ପଚରାଉଚରା କରିଥିଲେ । ଜଣେ ପୁଲିସ୍ ଅଧିକାରୀଙ୍କ ସୂଚନା ଅନୁସାରେ, ଅନୀଲ ଏହାକୁ ଚାପିବାକୁ ବହୁ ଚେଷ୍ଟା କରିଥିଲା । ସରିତା ସହ ସେ କୌଣସି ଆଡ଼େ ଯାଇନଥିବା କହିଥିଲେ । କେବଳ କୁଚିଣ୍ଡା ପଡ଼ିଆରେ ଶେଷ ଦେଖା ହୋଇଥିବା କହିଥିଲେ । କିନ୍ତୁ ଅନୀଲ ଓ ସରିତାର ମୋବାଇଲ୍ ଟ୍ରାକିଂ, ସିଡିଆର୍ ଏବଂ ମୋବାଇଲ୍ ଟାୱାର ଡମ୍ପ୍ ଡିଟେଲରୁ ଜଣାପଡ଼ିଥିଲା । ଏହାସହ ପୁଲିସକୁ ଚକମା ଦେବାକୁ ମିଛ ନାଟକ ରଚିଥିଲା । ଏମିତି କି, ବିଭିନ୍ନ ସ୍ଥାନକୁ ନେଇ ଶବ ରଖିଥିବା କହିଥିଲା । କିନ୍ତୁ ଶେଷରେ ସ୍ୱୀକାର କରିବା ସହ ଶବ ପକାଇଥିବା ସ୍ଥାନକୁ ନେଇଥିଲା ଅନୀଲ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଲଗାଣ ବର୍ଷାରେ ପ୍ରଭାବିତ ପରିବା ଚାଷ : କିଲୋ ପିଛା ୧୦ରୁ ୨୦ ଟଙ୍କା ବଢ଼ିଲା ପରିବା ଦର

**ଭୁବନେଶ୍ୱର, କଟକ, ୨୦/୦୭ ନ୍ୟୁଜ ବ୍ୟୁରୋ**

ଲଗାଣ ବର୍ଷାର ପ୍ରଭାବ ଏବେ ସିଧାସଳଖ ପଡ଼ିଛି ସାଧାରଣ ଲୋକଙ୍କ ପକେଟ୍ ଉପରେ । ରାଜଧାନୀ ଭୁବନେଶ୍ୱରର ୧ ନମ୍ବର ପରିବା ହାଟରେ ପରିବା ଦର ଆକାଶଛୁଆଁ ହୋଇଛି । ଅଧିକାଂଶ ପରିବା କିଲୋପିଛା ୬୦ରୁ ୧୨୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିବାରୁ ଗ୍ରାହକଙ୍କ ଚିନ୍ତା ବଢ଼ିଛି । ରୋଷେଇ ଘରର ବଜେଟ୍‌କୁ ବିଗାଡ଼ି ଦେଇଛି ପରିବା ଦର । ଭୁବନେଶ୍ୱର ୧ ନମ୍ବର ପରିବା ହାଟରେ ପ୍ରାୟ ସବୁ ପରିବାର ଦର ବଢ଼ିଥିବା ଦେଖିବାକୁ ମିଳିଛି । ବାଇଗଣ କିଲୋ ପିଛା ୮୦ରୁ ୧୦୦ ଟଙ୍କା, ପୋଟଳ ୫୦ରୁ ୬୦ ଟଙ୍କା, ଦେଶୀ କାଙ୍କଡ ୧୦୦ ଟଙ୍କା, କୋବି ୬୦ ଟଙ୍କା, ଭେଣ୍ଡି ୮୦ ଟଙ୍କା ଏବଂ ବିନ୍ସ କିଲୋ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି । ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଲଗାଣ ବର୍ଷା ଯୋଗୁଁ ପରିବା ଚାଷ ପ୍ରଭାବିତ ହୋଇଥିବାରୁ ବଜାରକୁ ପରିବାର ଆଗମନ କମିଯାଇଛି । ଏହାର ସିଧାସଳଖ ପ୍ରଭାବ ଦର ଉପରେ ପଡ଼ିଛି । ଏପଟେ ହଠାତ୍ ପରିବା ଦର ବୃଦ୍ଧି ପାଇଁ ଗୃହିଣୀ ଓ ସାଧାରଣ ଖାଉଟି ଅସନ୍ତୋଷ ପ୍ରକାଶ କରିଛନ୍ତି । ବର୍ଷା କମିବା ସହ ପରିବାର ଯୋଗାଣ ସ୍ୱାଭାବିକ ହେଲେ ଦର କମିବ ବୋଲି ବ୍ୟବସାୟୀମାନେ ଆଶା ପ୍ରକାଶ କରିଛନ୍ତି । କଟକରେ ମଧ୍ୟ ଲଗାଣ ବର୍ଷା ଯୋଗୁଁ ବଢୁଛି ପରିବା ଦର । ଯେଉଁ ପରିବା ଦର କିଛି ଦିନ ପୂର୍ବରୁ ସ୍ୱାଭାବିକ ଥିଲା, ତାହା ଏବେ କିଲୋ ପିଛା ୧୦ରୁ ୨୦ ଟଙ୍କା ବୃଦ୍ଧି ଘଟିଲାଣି । ୫୦୦ ଟଙ୍କା ନେଇ ପରିବା କିଣିବାକୁ ବଜାରକୁ ଗଲେ, ବ୍ୟାଗ୍ ବି ଭର୍ତ୍ତି ହେଉନାହିଁ । ଯେଉଁ ପରିବାକୁ ବି କିଣିଲେ, ସବୁ ପରିବା ଦର ଏବେ ଚଢାରେ ବିକ୍ରି ହେଉଛି । ବିନ୍ସ ଦର ଏବେ ସବୁଠାରୁ ଉଚ୍ଚା ରହିଛି । ବାଇଗଣ ଦର କଥା ନକହିବା ଭଲ । ଦର ଏତେ ବଢ଼ି ଗଲା ଯେ ହାତ ମାରିବା କଷ୍ଟ । ଯେଉଁ ବାଇଗଣ ଦର ପୂର୍ବରୁ କିଲୋପ୍ରତି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ କିଲୋପ୍ରତି ୮୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ପୋଟଳ କିଲୋପ୍ରତି ୬୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଭେଣ୍ଡି ଦର କିଲୋପ୍ରତି ୫୦ ଟଙ୍କା, କଲରା ଦର କିଲୋପ୍ରତି ୫୦ ଟଙ୍କାରେ ବିକ୍ରି ହେଉଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଯେଉଁ ଛଚିନ୍ଦ୍ରା ଦର ଏହି ସମୟରେ ୨୦ରୁ ୨୫ ଟଙ୍କାରେ ବିକ୍ରି ହେବା କଥା, ତାହା ଏବେ କିଲୋପ୍ରତି



୪୦ରୁ ୫୦ ଟଙ୍କାରେ ବିକ୍ରି ହେଉଛି । ବିଲାତି ଦର ଯଦିଓ ସାମାନ୍ୟ ରହିଛି ତଥାପି କିଲୋପ୍ରତି ୪୦ ଟଙ୍କାରେ ବିକ୍ରି ହେଉଛି । କାଙ୍କଡ଼ ଦର ବି କିଲୋପ୍ରତି ୬୦ ଟଙ୍କାରେ ବିକ୍ରି ହେଉଛି । ଏଭଳି ସ୍ଥିତିରେ ପ୍ରଭାବିତ ହେଉଛନ୍ତି ସାଧାରଣ ଖାଉଟି । ଛତ୍ର ବଜାର ବ୍ୟବସାୟୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ କହିବା ମୁତାବକ, ଏହି ସମୟରେ ଯେତିକି ସ୍ଥାନୀୟ ପରିବା ବଜାରକୁ ଆସିବା କଥା ତାହା ଆସିପାରୁ ନାହିଁ । ବର୍ଷା ସମୟରେ ଯେଉଁ ସବୁ ପରିବା ଅମଳ ହେବା କଥା, ତାହା ଅଧିକାଂଶ ସ୍ଥାନରେ ମାତ୍ରାଧିକ ବର୍ଷା ଯୋଗୁଁ ନଷ୍ଟ ହୋଇଯାଇଛି । ଆଉ କିଛି କିଛି ସ୍ଥାନରେ ବର୍ଷା ପାଣି ଜମି ରହି ଥିବାରୁ ପରିବା ତୋଳିବା ବି ସମ୍ଭବ ହୋଇପାରୁ ନାହିଁ । ଫଳରେ ବଜାରକୁ ଯେତିକି ସ୍ଥାନୀୟ ପରିବା ଆସିବା କଥା ତାହା ଆସିପାରୁ ନାହିଁ । ବାହାର ରାଜ୍ୟର ପରିବା ଆସୁଥିବାରୁ ଦର ବୃଦ୍ଧି ଘଟିଛି । ଏହି ସମୟରେ ଆମ ରାଜ୍ୟର ବିଭିନ୍ନ ସ୍ଥାନରୁ ବିଶେଷକରି ଅନୁଗୁଳ, ବଲାଙ୍ଗିର, କେନ୍ଦୁଝର, ବାଙ୍କୀ, ଆଠଗଡ଼ ଆଦି ଅଞ୍ଚଳରୁ ଅମଳ ହୋଇ ପରିବା ଆସିଥାଏ । ମାତ୍ର ଲଗାଣ ବର୍ଷାରେ ଅନେକ ଲୋକାଲ ପରିବା ନଷ୍ଟ ହୋଇଯାଇଛି । ଯେଉଁ ସବୁ ପରିବା ଅମଳ ହେବା କଥା, ତାହା ଅମଳ ପୂର୍ବରୁ ବିଲରେ ପଚି ନଷ୍ଟ ହୋଇଯାଇଛି । ଆଉ କିଛି କିଛି ସ୍ଥାନରେ ବର୍ଷା ପାଣି ଜମି ରହିଥିବାରୁ ସେଠାକୁ ଯାଇ ଅମଳ କରିବା ସମ୍ଭବ ହେଉ ନାହିଁ । ଏବେ ବଜାରକୁ ଯେଉଁ ପରିବା ଆସୁଛି ତାହା ସାଧାରଣତଃ ବାହାର ରାଜ୍ୟର ପରିବା । ବେଙ୍ଗାଲୁରୁ, କୋଲକାତା, ବିହାର, ଛତିଶଗଡ଼ ଆଦି ଅଞ୍ଚଳରୁ ପରିବା ବଜାରକୁ ଆସୁଛି । କିଛି କିଛି ରାଜ୍ୟରେ ବର୍ଷା ପାଇଁ ଉଚ୍ଚା ଦର ଏବଂ ଗାଡ଼ି ଭଡ଼ା କାରଣରୁ ଦର ବୃଦ୍ଧି ଘଟିଛି । ପ୍ରାୟ ପ୍ରତ୍ୟେକ ପରିବା ଦର ଏବେ କିଲୋପ୍ରତି ୧୦ରୁ ୨୦ ଟଙ୍କା ଉଚ୍ଚରେ ବିକ୍ରି ହେଉଛି । ପାଗ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏହି ପରି ଦର ରହିବ । ପ୍ରତ୍ୟେକ ବର୍ଷ ବର୍ଷା ସମୟରେ ସାଧାରଣତଃ ପରିବା ଏହିପରି ଟିକେ ଉଚ୍ଚା ଦରରେ ବିକ୍ରି ହୋଇଥାଏ । ଅନ୍ୟପଟେ ପରିବାର ଏହିପରି ଦର ବୃଦ୍ଧି ପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି, ଜଣେ ଖାଉଟି ଅମରେନ୍ଦ୍ର ନାୟକ । ସେ ଦର ବୃଦ୍ଧି ପାଇଁ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ରାଜ୍ୟ ସରକାର ଦର ନିୟନ୍ତ୍ରଣ କରିବା କଥା । ମାତ୍ର ତାହା କରାଯାଉ ନାହିଁ । ସାଧାରଣ ଖାଉଟିମାନେ ଏହାଦ୍ୱାରା ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି । ଘରକୁ ଆବଶ୍ୟକ ଅନୁସାରେ ପରିବା କିଣି ନେବା ସମ୍ଭବ ହେଉ ନଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ଦେବଯାନୀ ଗାହାଣ ନାମକ ଜଣେ ଗ୍ରାହକଙ୍କ କହିବା ହେଲା, 'ପରିବା ଦର ଏତେ ବୃଦ୍ଧି ଘଟିଲାଣି ଯେ, ଘରକୁ ସବୁ ପ୍ରକାର ପରିବା ଆଣିବା କଷ୍ଟ ହେଉଛି । ଏକ କିଲୋ ବଦଳରେ ୫୦୦ରୁ ୨୫୦ ଗ୍ରାମକ କିଣିବାକୁ ପଡୁଛି । ଅମଳ ସମୟରେ ଯଦି ଅଧିକ ତେବେ ଆଗକୁ ଆହୁରି ସ୍ଥିତି ଜଟିଳ ହେବ ।' ତେବେ ପରିବା ଦର ବୃଦ୍ଧି, ତାଙ୍କ ମାସିକ ବଜେଟ ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି ।